


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ............


ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୦୫ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 MARCH 2021
Vol.No. 32 ■ No. 61 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଆଜି ସବୁ ନିର୍ବାଚନ ମଣ୍ଡଳୀରେ ବିଜୁ ଜୟନ୍ତୀ ପାଳିବ ବିଜେଡି

ଭୁବନେଶ୍ୱର,୦୪/୦୩ (ନି.ପ୍ର): ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୫ ତମ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିଜୁ ଜୟନ୍ତୀ ପାଳନ କରିବ ବିଜୁ ଜନତା ଦଳ। ଏହି ଅବସରରେ ବିଜୁ ଜନତା ଦଳର ସକ୍ରିୟ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯିବ। ସେଥିରେ ଦୁଇ ଦଶନ୍ଧି ଧରି ବିଜୁ ଜନତା ଦଳର ସଫଳ ଯାତ୍ରା ବିଷୟରେ ଆଲୋଚନା କରାଯିବ। ଏହି ପରିପ୍ରେକ୍ଷୀରେ ବିଜେଡି ରାଜ୍ୟ କାର୍ଯ୍ୟାଳୟ ଠାରେ ବିଜୁ ଜୟନ୍ତୀ ପାଳନ କରାଯିବ। ଶୁକ୍ରବାର ପୂର୍ବାହ୍ନରେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# କେନ୍ଦ୍ରାପଡାରେ ଷ୍ଟିଲ୍ ପ୍ଲାଂଟ କରିବ ମିତଲ

## ୧୨ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ କାରଖାନା ପାଇଁ ୫୦ ହଜାର କୋଟି ଟଙ୍କାର ପୁଂଜିନିବେଶ



ଭୁବନେଶ୍ୱର,୦୪/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଷ୍ଟିଲ୍ ପ୍ଲାଂଟ ପ୍ରତିଷ୍ଠା କରିବ ଆର୍ସେଲର ମିତଲ। କେନ୍ଦ୍ରାପଡାରେ ୧୨ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଏହି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୫୦ ହଜାର କୋଟି ଟଙ୍କାର ବିନିଯୋଗ ହେବ। ଏଥିନେଇ ଗୁରୁବାର ଦିନ ଲୋକସେବା ଭବନର ନୂଆ କନଭେନସନ୍ ସେଂଟର ଠାରେ ଓଡିଶା ସରକାର ଓ ଆର୍ସେଲର ମିତଲ , ନିପନ ଷ୍ଟିଲ୍ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମିତଲ ଗ୍ରୁପ୍ ର ଅଧକ୍ଷ ଏଲ୍.ଏନ୍. ମିତଲ , ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲା ବିଜୁବାବୁଙ୍କର କର୍ମଭୂମି ଥିଲା ଏବଂ ସେ ଏହି ଜାଗା ଏବଂ ଏଠାକାର ଜନସାଧାରଣଙ୍କୁ ହୃଦୟରୁ ଭଲ ପାଉଥିଲେ। କେନ୍ଦ୍ରାପଡ଼ାରେ ସମନ୍ୱିତ ଷ୍ଟିଲ୍ କମ୍ପ୍ଲେକ୍ସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ଏବଂ ରାଜ୍ୟ ସରକାର ଏହି ବୃହତ୍ ପ୍ରକଳ୍ପର ପ୍ରତିଷ୍ଠା ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଓ ସୁବିଧା ଯୋଗାଇଦେବେ। ▶▶ପୃଷ୍ଠା ୭

# ରାଜ୍ୟ ସରକାର ଏସଇବିସି ଓ ଓବିସିଙ୍କୁ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦିଅନ୍ତୁ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୪/୦୩ (ନି.ପ୍ର): ରାଜ୍ୟ ସରକାର ଯଥାଶୀଘ୍ର ଓଡ଼ିଶାର ବହୁସଂଖ୍ୟକ ସାମାଜ ତଥା ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ (ଏସଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଖୁବ ଶୀଘ୍ର ସମ୍ବିଧାନ ଅନୁମୋଦିତ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ମୋଦି ସରକାରରେ ଦେଶରେ ଆର୍ଥିକ ଅନଗ୍ରସର ସବର୍ଣ୍ଣଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ୧୦ ପ୍ରତିଶତର ସ୍ଥାନ ସଂରକ୍ଷଣ ହୋଇଥିବା ବେଳେ ଏହାକୁ ମଧ୍ୟ ଓଡ଼ିଶାରେ ଲାଗୁ କରିବା ପାଇଁ ମଖ୍ୟମନ୍ତ୍ରୀ ସକରାତ୍ମକ ପଦକ୍ଷେପ ନେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀ ଠାରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ପୁଣି ଥରେ ଏହି ଦାବିକୁ ଦୋହରାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ। ତେବେ ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗରୁ ବଂଚିତ ହେବା କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ। ଏଥିପାଇଁ ସେ ପୂର୍ବରୁ ତିନି ଥର ଜୁଲାଇ ୨୫,୨୦୧୯, ଜାନୁଆରୀ ୧୫, ୨୦୨୦ ଏବଂ ଡିସେମ୍ବର ୩୧,୨୦୨୦ରେ ▶▶ପୃଷ୍ଠା ୭

# ବରମୁଣ୍ଡା ପେଟ୍ରୋଲ ପମ୍ପ୍ ସିଲ୍




ଭୁବନେଶ୍ୱର,୦୪/୦୩ (ନି.ପ୍ର): ଭୁବନେଶ୍ୱର ବରମୁଣ୍ଡାଠାରେ ଥିବା ଏଚପି ପେଟ୍ରୋଲ ପମ୍ପକୁ ସିଲ୍ କରାଯାଇଛି। ସେଠାରେ ପେଟ୍ରୋଲ ଓ ଡିଜେଲରେ ପାଣି ମିଶା ଯାଉଥିବା ଅଭିଯୋଗ ହେବା ପରେ ଏହି ପେଟ୍ରୋଲ ପମ୍ପକୁ ସିଲ୍ କରିଛି ଖଣ୍ଡଗିରି ପୁଲିସ୍। ଗତକାଲି ଏହି ଅଭିଯୋଗ କରି ଗ୍ରାହକମାନେ ପେଟ୍ରୋଲ ପମ୍ପ୍ ରେ ହଙ୍ଗାମା କରିଥିଲେ। ଅଭିଯୋଗ କରେ ଫୋରେନ୍ସିକ ଲାବୋରୋଟୋରିର ସାଇଂଟିଫିକ ଟିମ୍ ଓ ଏଚପି କମ୍ପାନୀର ସାଇଂଟିଫିକ୍ ଟିମ୍ ପେଟ୍ରୋଲ ପମ୍ପ୍ ରୁ ନମୂନା ସଂଗ୍ରହ କରିଛି । ଯଦି ଅପମିଶ୍ରଣ କରାଯାଉଥିବାର ପ୍ରମାଣ ମିଳେ, ତେବେ ଲାଇସେନ୍ସ ରଦ୍ଦ ହେବ ବୋଲି ଏଚପିର ଏରିଆ ଇନଚାର୍ଜ ଶୁଭବ୍ରତ ଖାନ କହିଛନ୍ତି ।

## ରାଜ୍ୟରେ ପୌର ନିର୍ବାଚନ ଖୁବ୍ ଶୀଘ୍ର

ଭୁବନେଶ୍ୱର,୦୪/୦୩(ନି.ପ୍ର): ରାଜ୍ୟରେ ଖୁବ୍ ଶୀଘ୍ର ପୌର ନିର୍ବାଚନ ହେବେ। ଏ ନେଇ ପ୍ରକ୍ରିୟା ଚାଲିଛି। ଅଦାଲତ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ସୀମିତ ରଖିବାକୁ କହିଛନ୍ତି। ସେତିକି ଭିତରେ କିପରି ହେବ, ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା। ଅପରପକ୍ଷରେ ପୌର ନିର୍ବାଚନ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ରନାଥ ସାହୁ କହିଛନ୍ତି ଯେ ରାଜ୍ୟରେ ୧୧୬ଟି ପୌର ସଂସ୍ଥା ଅଛି। ୧୧୪ଟି ରେ ନିର୍ବାଚିତ ପ୍ରତିନିଧି ନାହାନ୍ତି। ୨୦୧୮ରେ ହିନ୍ଦୋଳ ଓ ଅତବିରା ଏନଏସି ନିର୍ବାଚନ ହୋଇଛି। ସେମାନଙ୍କ କାର୍ଯ୍ୟକାଳ ୨୦୨୩ରେ ସରିବ। ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ କାମ ରାଜ୍ୟ ସରକାରଙ୍କ। ସେମାନେ ଏହି କାମ ଯେତେ ଶୀଘ୍ର ସାରି ଆମକୁ ଚୂଡାନ୍ତ ରିପୋର୍ଟ ଦେବା ପରେ ଆମେ ଭୋଟର ଲିଷ୍ଟ ପ୍ରସ୍ତୁତ କରି ପୌର ନିର୍ବାଚନ କରିବୁ ବୋଲି ସେ ସୂଚନା ଦେଇଛନ୍ତି।

# ପୁଣି ବଢିଲା ବସ୍ ଭଡା



ଭୁବନେଶ୍ୱର,୦୪/୦୩ (ନି.ପ୍ର): ତୈଳଦର ବୃଦ୍ଧି ଯୋଗୁଁ ରାଜ୍ୟରେ ପୁଣି ବସ ଭଡ଼ା ବଢ଼ିଛି। ଅର୍ଡିନାରୀ ଓ ଏକ୍ସପ୍ରେସ ବସ ଭଡ଼ା କିମି ପିଛା ୫ ପଇସା ବଢ଼ିଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୧୦ ପଇସା ଲେଖାଏଁ ବୃଦ୍ଧି ପାଇଛି। ବର୍ଦ୍ଧିତ ଭଡା ଲାଗୁ ହେବା ପରେ ପୂର୍ବରୁ ଅର୍ଡିନାରୀ ବସ ଭଡ଼ା ୮୦ ପଇସା ଥିବା ବେଳେ ବର୍ତମାନ ତାହା ୮୫ ପଇସାକୁ ବଢିଛି। ସେହିପରି ଏକ୍ସପ୍ରେସ ବସ୍ ଭଡ଼ା ଥଇଲା ୮୪ ପଇସାରୁ ୮୯ ପଇସାକୁ , ଡିଲକ୍ସ ବସ୍ ଭଡା ୧ ଟଙ୍କା ୧୧ ପଇସାରୁ ୧ ଟଙ୍କା ୨୧ ପଇସା ଓ ଏସି ଡିଲକ୍ସ ବସ୍ ଭଡା ୧ ଟଙ୍କା ୩୯ ପଇସାରୁ ୧ ଟଙ୍କା ୪୯ ପଇସାକୁ ବୃଦ୍ଧି ପାଇଛି। ଏହା ବ୍ୟତୀତ ସୁପର ପ୍ରିମିୟର ଭଡା ୨ ଟଙ୍କା ୧୭ ପଇସାରୁ ୨ ଟଙ୍କା ୩୨ ପଇସା ହୋଇଛି। ଏହା ପୂର୍ବରୁ ଗତ ଫେବୃଆରୀ ୮ ତାରିଖରେ ବସ୍ ଭଡା ବଢିଥିଲା।

## ଆଜି ସବୁ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜ ବନ୍ଦ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ପଂଚାୟତିରାଜ ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜ ବନ୍ଦ ରହିବ। ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏସମ୍ପର୍କରେ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ଡିଗ୍ରୀ କଲେଜର ପ୍ରିନ୍ସିପାଲମାନଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା : ମହିଳା ମୃତ, ସ୍ୱାମୀ ଗୁରୁତର

ବାଲେଶ୍ୱର,୦୪/୦୩ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ୧୬ ନଂ ଜାତୀୟ ରାଜପଥର କୁରୁଡା ଜନତା ହାଇସ୍କୁଲ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଲେ ଜଳେଶ୍ୱର ବ୍ଲକ ଶାଳିକୋଠା ଅଂଚଳର ନିବାସୀ ଧନେଶ୍ୱର ମିଶ୍ରଙ୍କ ପତ୍ନୀ ସୁମିତ୍ରା ମିଶ୍ର (୪୨)। ଧନେଶ୍ୱରଙ୍କର ମାର୍କୋଣା ବଜାରରେ ଏକ ମିଷ୍ଟାନ୍ନ ଭଣ୍ଡାର ରହିଛି। ଗୁରୁବାର ସକାଳେ ଉଭୟ ପତିପତ୍ନୀ ଏକ ବାଇକ ଯୋଗେ ମାର୍କୋଣାରୁ ଶାଳିକୋଠାସ୍ଥିତ ନିଜ ଘରକୁ ଯାଉଥିଲେ। ସେମାନେ ୧୬ ନଂ ଜାତୀୟ ରାଜପଥର କୁରଡା ଜନତା ହାଇସ୍କୁଲ ଅତିକ୍ରମ କରୁଥିବା ବେଳେ ନିର୍ମାଣଧୀନ ରାସ୍ତାରେ ଥିବା ଖାଲରେ ପଡ଼ିଯାଇଥିଲେ। ଫଳରେ ସୁମିତ୍ରା ବାଇକରୁ ଖସି ତଳେ ପଡିଯାଇଥିଲେ । ସେହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ ଉଭୟଙ୍କ ଉପରେ ଚଢି ଚାଲିଯାଇଥିଲା । ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଧନେଶ୍ୱରଙ୍କ ଅବସ୍ଥ ସଂକଟାପନ୍ନ ଥିବା ଜଣାପଡ଼ିଛି।ଏହି ଦୁର୍ଘଟଣା ପରେ ଉତ୍ତେଜିତ ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥା ଓ ବିଳମ୍ବିତ ନିର୍ମାଣ କାର୍ଯ୍ୟକୁ ନେଇ ରାସ୍ତା ରୋକ କରିଥିଲେ। ଗୋପାଳ କନଷ୍ଟ୍ରକ୍ସନ କମ୍ପାନି ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ନେଇଥିବା ବେଳେ ରାସ୍ତାକୁ ଏଣେ ତେଣେ ଖୋଳି ପକାଉଥବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଥିଲେ । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ କନଷ୍ଟ୍ରକ୍ସନ କମ୍ପାନି କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଜବତ କରିଥିଲେ ବି ଦୁର୍ଘଟଣା ଘଟାଇଥିବା ଟକର କୌଣିସ ପତ୍ତା ମିଳିନାହିଁ । ପୁଲିସ ବୁଝାସୁଝା ପରେ ସ୍ଥାନୀୟ ଲୋକେ ରାସ୍ତାରୋକରୁ ନିବୃତ ହୋଇଥିଲେ।

# ଶିବରାତ୍ରି ଦିନ ନନ୍ଦୀଗ୍ରାମରୁ ପ୍ରାର୍ଥୀପତ୍ର ଦାଖଲ କରିବେ ମମତା ବାନାର୍ଜୀ



ପଶ୍ଚିମବଙ୍ଗ,୦୪/୦୩ (ନି.ପ୍ର): ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ରାଜ୍ୟରେ ହିନ୍ଦୁତ୍ୱକୁ ନେଇ ଲଢେଇ ଜୋରଦାର ହୋଇଛି । ବିଜେପିର 'ଜୟ ଶ୍ରୀରାମ' ନାରାକୁ ନେଇ ମମତା ବାନାର୍ଜୀ ଅସନ୍ତୁଷ୍ଟ ଥିବା ବେଳେ ସଫ୍ଟ ହିନ୍ଦୁତ୍ୱ ରାଜନୀତି ଆପଣାଇଛନ୍ତି ମମତା । କୁହାଯାଉଛି କି ଏହି କାରଣରୁ ମମତା ବାନାର୍ଜୀ ଶିବରାତ୍ରି ଦିନ ନାମାଙ୍କନ ଦାଖଲ କରିବେ । ଜୟ ଶ୍ରୀରାମ ହେଉ କି ଜୟ ସିୟାରାମ ନାରା ଏସବୁକୁ ନେଇ ତୃଣମୂଳ କଂଗ୍ରେସ ବିଜେପି ଉପରେ ସବୁବେଳେ ଅଭିଯୋଗ କରିଆସିଛି । ଏହାକୁ ନେଇ ତୃଣମୂଳ କଂଗ୍ରେସକୁ ବିଜେପି ରାମଦ୍ରୋହୀ କହିଆସୁଥିବା ବେଳେ ଏହାକୁ ନିର୍ବାଚନୀ ମୁଦ୍ଦା କରିବାକୁ ଚେଷ୍ଟା କରିଛନ୍ତି ଦିଦି । ମାର୍ଚ୍ଚ ୧୧ ତାରିଖ ଶିବରାତ୍ରି ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନନ୍ଦୀଗ୍ରାମ ଆସନରୁ ନାମାଙ୍କନ ଦାଖଲ କରି ନିର୍ବାଚନ ବିଗୁଲ ଫୁଙ୍କିବେ । ଏନେଇ ଜୋରସୋରରେ ▶▶ପୃଷ୍ଠା ୭

# ଭୁବନେଶ୍ୱର ଝାରପଡା ଜେଲରୁ ବିବନ ବିଶ୍ୱାଳକୁ ନେଲା ସିବିଆଇ

## କ୍ୟାପିଟାଲ ହସ୍ପିଟାଲରେ ହେଲା ସ୍ୱାସ୍ଥ୍ୟ ପରୀକ୍ଷା; ସିବିଆଇ କାର୍ଯ୍ୟାଳୟରେ ହେବ ଜେରା



ଭୁବନେଶ୍ୱର,୦୪/୦୩(ନି.ପ୍ର): ୧୯୯୯ ଗଣଦୁଷ୍କର୍ମ ମାମଲାରେ ଆଜି ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳକୁ ରିମାଣ୍ଡରେ ନେଇଛି ସିବିଆଇ । ଆଜି ଠାରୁ ବିବନକୁ ସିବିଆଇ ୨ ଦିନିଆ ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି । ସିବିଆଇର ତଦନ୍ତକାରୀ ଟିମ୍ ମୁଖ୍ୟ ଅଭିଯୁକ୍ତ ବିବନକୁ ଝାରପଡା ଜେଲରୁ ନେଇ ଘଟଣା ସ୍ଥଳକୁ ଯିବେ । ଏହି ସମୟରେ ବାରଙ୍ଗର ଘଟଣାସ୍ଥଳରେ ବିବନକୁ ନେଇ ପୁରା ଘଟଣାକ୍ରମର ସିନ୍ ରି କ୍ରିଏସନ୍ କରାଇପାରେ ସିବିଆଇ । ବିବନକୁ ନେଇ ତଦନ୍ତକାରୀ ଟିମ ତାହାର ଘରକୁ ମଧ୍ୟ ଯାଇପାରେ । ବିବନ ସମ୍ପର୍କରେ ତାର ପରିବାର ଲୋକଙ୍କୁ ମଧ୍ୟ ସିବିଆଇ ପଚରାଉଚରା କରିପାରେ । ଅପରାଧ ଘଟାଇବା ପରେ ବିବନ ଘରକୁ ଆସିଥିଲା କି । ପିନ୍ଧିଥିବା ପୋଷାକ ଲୁଚାଇଥିଲା କି । ତନାଘନା ଆରମ୍ଭ ହେବା ପରେ ବିବନ କେବେ ଫେରାର ହୋଇଥିଲା । ବିବନ ତାହାର ପରିବାର ସମ୍ପର୍କରେ ରହୁଥିଲା କି । ବିବନ ଫେରାର ହେବାରେ କାହା କାହାର ହାତ ରହିଛି । କିଏ ତାକୁ ସହଯୋଗ କରିଥିଲା କି । ଏସବୁ ସମ୍ପର୍କରେ ଖୋଳତାଡ କରିପାରେ ସିବିଆଇ ଟିମ୍ । ଏହି ୨ ଦିନିଆ ରିମାଣ୍ଡ ସମୟରେ ବିବନର ଡାକ୍ତରୀ ମାଇନା ମଧ୍ୟ କରାଯିବ ।

## ଅନୁରାଗ କଶ୍ୟପ ଓ ତାପସୀ ପନ୍ନୁଙ୍କ ଘରେ ଆୟକର ବିଭାଗର ଚଢାଉକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କଲେ ତେଜସ୍ୱୀ ଯାଦବ

ନୂଆଦିଲ୍ଲୀ,୦୪/୦୩ : ଗତକାଲି ଚଳଚିତ୍ର ନିର୍ଦ୍ଦେଶକ ଅନୁରାଗ କଶ୍ୟପ ଓ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ବାସଭବନରେ ଆୟକର ବିଭାଗ ଚଢାଉ କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି । ଏହି କ୍ରମରେ ଆରଜେଡି ନେତା ତେଜସ୍ୱୀ ଯାଦବ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ ତାଙ୍କ ଟ୍ୱିଟର ହ୍ୟାଣ୍ଡେଲରେ ଲେଖିଛନ୍ତି କି ପ୍ରଥମେ ଆଇଟି, ସିବିଆଇ ଓ ଇଡିକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବାକୁ ସରକାର ପ୍ରସ୍ତୁତ କରିଛନ୍ତି । ଏବେ ନାଜୀ ସରକାର ▶▶ପୃଷ୍ଠା ୭

# ଧବଳେଶ୍ୱର ପୀଠରେ ଏବର୍ଷ ହେବନି ଜାଗର ଯାତ୍ରା



ଭୁବନେଶ୍ୱର,୦୪/୦୩ (ନି.ପ୍ର): ଆଠଗଡ ଧବଳେଶ୍ୱର ପୀଠରେ ଚଳିତବର୍ଷ ହୋଇପାରିବନି ଜାଗର ଯାତ୍ରା । କୋଭିଡ୍ ସଂକ୍ରମଣକୁ ଆଖି ଆଗରେ ରଖି ଏନେଇ ନିଷ୍ପତ୍ତି ନେଇଛି ଦେବୋତ୍ତର ବିଭାଗ । ଆଜି ଏନେଇ ଏକ ବୈଠକ ବସିଥିଲା, ବୈଠକରେ ଆଲୋଚନା ଶେଷ ହେବା ପରେ ଏନେଇ ସୂଚନା ଦେଇଛନ୍ତି ଉପ-ଜିଲ୍ଲାପାଳ । ସୂଚନା ମୁତାବକ, ଧବଳେଶ୍ୱର ପୀଠରେ ଚଳିତ ବର୍ଷ ଜାଗର ଯାତ୍ରା ଅନୁଷ୍ଠିତ ହେବ ନାହିଁ । କେବଳ ପୂଜକଙ୍କୁ ନେଇ ମନ୍ଦିର ରୀତିନୀତି ସମ୍ପନ୍ନ ହେବ । ଏଥିସହିତ ଆସନ୍ତା ୧୧ ତାରିଖରେ ମନ୍ଦିରରେ ଧାରା ୧୪୪ ଲାଗୁ ହେବ । ଯାହାକି ୧୨ ତାରିଖ ସକାଳ ୬ଟା ଯାଏଁ ବଳବତ୍ତର ରହିବ । ଚଳିତବର୍ଷ କୋଭିଡ୍ ହେତୁ ଅନେକ ଯାନିଯାତ୍ରାରେ କଟକଣା ଲାଗିସାରିଛି । ▶▶ପୃଷ୍ଠା ୭

# ବାଲେଶ୍ୱରରେ ବେଙ୍ଗଲ ମାଫିଆଙ୍କ ରାଜ

ବାଲେଶ୍ୱର,୦୪/୦୩ : ଉତ୍ତର ବାଲେଶ୍ୱରର ଲାଇଫ ଲାଇନ କୁହାଯାଉଥିବା ସୁବର୍ଣ୍ଣରେଖା ନଦୀ ନିକଟସ୍ଥ ମାଟି ଉପରେ ପଶ୍ଚିମବଙ୍ଗର ମାଫିଆଙ୍କ ଲୋଲୁପ ଦୃଷ୍ଟି । ସୁବର୍ଣ୍ଣରେଖା ନଦୀର ବାଲି ପରେ ଏବେ ଓଡିଶା ମାଟି ଉପରେ ନଜର ପକାଇଛନ୍ତି ବଙ୍ଗ ମାଫିଆ । ପ୍ରତିଦିନ ଜେସିବିରେ ଖୋଳି ଟ୍ରାକ୍ଟର ଲଗାଇ ଲୁଟି ନେଉଛନ୍ତି କୋଟି କୋଟି ଟଙ୍କାର ଉର୍ବର ମାଟି । ଘୁ ଘୁ ଗର୍ଜନ କରି ମାଟି ଖୋଳୁଛି ଜେସିବି ଆଉ ବୋହି ନେଉଛି ଟ୍ରାକ୍ଟର । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ରାଇବଣିଆ ଅଂଚଳରେ ବେଆଇନ୍ ଭାବେ ମାଟି ଖୋଳି ଲୁଟି ନେଉଛନ୍ତି ପଶ୍ଚିମବଙ୍ଗର ଦଲାଲ । କିଛି ସ୍ଥାନୀୟ ଦଲାଲ ଓ ଅସାଧୁ ସରକାରୀ କର୍ମଚାରୀଙ୍କୁ ଅସ୍ତ୍ର କରି ଜେସିବି ଏବଂ ଟ୍ରାକ୍ଟର ଲଗାଇ ଓଡିଶା ଜମିରୁ ମାଟି ଖୋଳି ନେଉଛନ୍ତି ଏହି ଦଲାଲମାନେ । ସୁବର୍ଣ୍ଣରେଖା ▶▶ପୃଷ୍ଠା ୭

# ନିଜ ଗାଁ ସ୍କୁଲକୁ ବିଧାୟକଙ୍କ ପୋଷ୍ୟ ଗ୍ରହଣ

## ବଖାଣିଲେ ଅତୀତ ସ୍ମୃତି : ଶିକ୍ଷାନୁଷ୍ଠାନକୁ ମା'ର ସମ୍ମାନ ମିଳୁ

ଜଳେଶ୍ୱର,୪।୩ (ନି.ପ୍ର): ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ସ୍ଥିତ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଂଗଳବାର ଅପରାହ୍ନରେ ମୋ ସ୍କୁଲ ଅଭିଯାନ ଓ ବିଧାୟକଙ୍କ ପୋଷ୍ୟ ବିଦ୍ୟାଳୟ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଦୀନବଂଧୁ ଦାସ ପୌରହିତ୍ୱ କରି ଉକ୍ତ ବିଦ୍ୟାଳୟ ବିଧାୟକଙ୍କ ଶୈଶବ ଶିକ୍ଷାଲାଭ କରିଥିବା ବେଳେ ତାଙ୍କ ବାପା ଶଚିନ୍ଦ୍ର ନାଥ ପାତ୍ର ସେହି ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ବୋଲି ସୂଚନା ଦେଇଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଅତୀତ ସ୍ମୃତ ବଖାଣିବା ସହ ବିଦ୍ୟାଳୟର ବିକାଶ ଲାଗି ଏବଂ ମା' ବୋଲି ମନେ କରି ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସହ ଯୋଡିବା ଉଚିତ୍ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଡିଇଓ ତଥା ଉକ୍ତ ବିଦ୍ୟାଳୟର ପଡୋଶୀ ପଂଚାୟତର ଅଧିବାସୀ ରଂଜନ କୁମାର ଗିରି ବାଲେଶ୍ୱର ଜିଲା ତୃତୀୟ ଥର ପାଇଁ ମୋ ସ୍କୁଲ ଅଭିଯାନରେ ପ୍ରଥମ ହୋଇଥିବା ବେଳେ ଚଳିତବର୍ଷ ୪ର୍ଥ ଥର ପ୍ରଥମ ହେବାକୁ ଆଶାବାନ୍ଧିଛି ଓ ପୁରାତମ ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟର ବିକାଶ ଲାଗି ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଜନ ଦାସ ମହାପାତ୍ର, ଜିଲା ସଂଯୋଜକ ଡ. ସନ୍ଦିପ କୁମାର ଖଟୁଆ, ପୁରାତନ ଛାତ୍ରସଂସଦ ସଭାପତି ଚନ୍ଦ୍ରମୋହନ କାପୁଡି ପ୍ରମୁଖ ମୋ ସ୍କୁଲ ଅଭିଯାନରେ ବିଧାୟକ ଶ୍ରୀ ପାତ୍ର ନିଜ ବିଦ୍ୟାଳୟକୁ ଗ୍ରହଣ କରିଥିବା କୃତଜ୍ଞତା ଜଣାଇଥିଲେ । ଶିକ୍ଷକ ଶରତ କୁମାର ଚାନ୍ଦ ମଂଚ ଆହ୍ୱାନ, ସୀତାଂଶୁ ସେଖର ପାଣିଗ୍ରାହୀ ବେଦପାଠ, ଶିଶିର କୁମାର ଗାନ୍ଧି ଧନ୍ୟବାଦ ଦେଇଥିବା ବେଳେ ବିଧାୟକ ସ୍କୁଲ ପାଣ୍ଠିକୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଓଷ୍ଟାର ଜିଲା ସାଂପାଦକ ମନୋରଂଜନ ଦାସ, ରାଇବଣିଆ ସଂପାଦକ ବଂଶୀଧର ବାରିକ, ଜଳେଶ୍ୱର ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ସମସ୍ତ ବିଆର୍‌ସିସି, ଏବିଇଓ, ସିଆର୍‌ସିସି, ପୁରାତନ ଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ ।

# କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ଚଣ୍ଡିଖୋଲରେ ମହାପଂଚାୟତ ଆସନ୍ତା ୧୯ରେ

ଭୁବନେଶ୍ୱର,୪।୩ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଚଣ୍ଡିଖୋଲ ଠାରେ ମହାପଂଚାୟତର ଆୟୋଜନ କରାଯିବ । ଏଥିରେ ଚାଷୀ ନେତା ରାକେଶ ଟିକାଏତ, ହରିୟାଣାର ଗୁରନାମସିଂ ଚଢ଼ୌନି, ପଞ୍ଜାବର ପ୍ରମୁଖ ନେତା ବଲବୀର ସିଂ ରଜୱାଲା ପ୍ରମୁଖ ଯୋଗଦେବେ ବୋଲି ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ନେତା ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସମାବେଶରେ ତିନି କୃଷି ଆଇନ, ମଣ୍ଡି ଘରୋଇକରଣ, ଠିକାଚାଷ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ୧୯୫୫ର ପ୍ରତ୍ୟାହାର କିଭଳି ସୁଦୂରପ୍ରସାରୀ ଭାବେ ଚାଷୀଙ୍କୁ ଚାଷରୁ ବିସ୍ଥାପିତ କରିଦେବ, ତାହା ଚାଷୀଙ୍କ ଆଗରେ ରଖାଯିବ । ଏମ୍.ଏସ୍.ପି.କୁ ଆଇନ ପରିସରଭୁକ୍ତ କରିବା ପାଇଁ ଯେଉଁ ମହାସଂଗ୍ରାମ ତମାମ ଦେଶରେ ଆରମ୍ଭ ହୋଇଛି ଏଥିରେ ଓଡ଼ିଶାର ପ୍ରତ୍ୟେକ ଚଷାପରିବାର କିଭଳି ସାମିଲ ହେବେ ସେ ନେଇ ଏ ସଭାରେ ସଂକଳ୍ପ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇ ରାୟ, ରଶ୍ମିରଞ୍ଜନ ସ୍ୱାଇଁ, ଯୁବଛାତ୍ର ଆବାହକ ମନୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର,୪।୩ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ହାତୀଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆୟୋଜିତ ସଭାରେ ବଂଶିଧର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ସରପଂଚ ବିଜୟ କୁମାର ବେହେରା, ସମାଜସେବୀ ଗଂଗାଧର ଦାସ, ହରମୋହନ ମହନ୍ତ, ଉମାକାନ୍ତ ଦାସ, ରାମକୃଷ୍ଣ ଦତ୍ତ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକଙ୍କ ରବିନ୍ଦ୍ର ବାବୁଙ୍କ କାର୍ଯ୍ୟଦକ୍ଷତା, ଦାୟିତ୍ୱବୋଧତା ସଂପର୍କରେ କହିଥିଲେ । ସେହିପରି ବଂଶୀଧର ବାରିକଙ୍କ ଦାୟିତ୍ୱ ଗ୍ରହଣ ସଭାରେ ଓଷ୍ଟାର ପୂର୍ବତନ ଯୁଗ୍ମ ସାଧାରଣ ସଂପାଦକ ଅକ୍ଷୟ କୁମାର ମିଶ୍ର, ରାଇବଣିଆ ମଂଣ୍ଡଳର ସଭାପତି ଅଶୋକ ଘଡେଇ, ହରେନ୍ଦ୍ର ମହନ୍ତ, ଖଗେନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖି ଆଗାମୀ ଦିନରେ ବଂଶୀଧର ବାରିକଙ୍କ କାର୍ଯ୍ୟଦକ୍ଷତା ବିଦ୍ୟାଳୟକୁ ଋଦ୍ଧିମନ୍ତ କରିବ ବୋଲି କହିଥିଲେ । କଳ୍ପଲତା ସ୍ୱାଇଁ, ସୁବ୍ରତ ମହାନ୍ତି, ରାମଚନ୍ଦ୍ର ପ୍ରଧାନ, ପାର୍ବତୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଭିଏସଏସ ନଗରରେ ସୁରେନ୍ଦ୍ର ସାଏଙ୍କ ଦାୟାଦ

ଭୁବନେଶ୍ୱର,୪।୩ (ନି.ପ୍ର): ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ସୁରେନ୍ଦ୍ର ସାଏଙ୍କ ଦାୟାଦ ତଥା ଆଠମଲ୍ଲିକର ବିଧାୟକ ରମେଶ ଚନ୍ଦ୍ର ସାଏ ଆସି ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ନଗରବାସୀଙ୍କ ପକ୍ଷରୁ ଭିଏସଏସ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଶ୍ରୀଯୁକ୍ତ ସାଏଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧି କରିଥିଲେ । କାର୍ଯ୍ୟକ୍ରମରେ ଭି ଏସ.ଏସ.ନଗର ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଉନ୍ନୟନ ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ବହୁ ଅଂଚଳବାସୀ ଯୋଗ ଦେଇଥିଲେ ।

## ଧାନ ବିକ୍ରି କରି ନପାରି ଚାଷୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ପ୍ରସଙ୍ଗ

# ବିଜେପି ନାଟକବାଜି କରୁଛି : କ୍ଷୀରୋଦ ରାଉତ

ଭଦ୍ରକ,୪।୩ (ନି.ପ୍ର): ଧାନ ବିକ୍ରି କରି ନପାରି ଭଦ୍ରକ ବ୍ଲକ ବନ୍ଧଗାଁ ପଞ୍ଚାୟତରେ ଚାଷୀ ରାଧାକୃଷ୍ଣ ପଣ୍ଡାଙ୍କ ପୁତ୍ର ରାମକୃଷ୍ଣଙ୍କ ଆତ୍ମହତ୍ୟା ଉଦ୍ୟମ ଅଭିଯୋଗ ଆଣି ବିଜେପି ହୀନ ରାଜନୀତି କରୁଛି । ଏକ ପୂର୍ବ ପ୍ରାୟୋଜିତ ଷଡ଼ଯନ୍ତ୍ରକୁ ରାଜନୈତିକ ରଂଗ ଦେଇ ଫାଇଦା ହାସଲ କରିବାକୁ ଚାହୁଁଛି । ଦିଲ୍ଲୀରେ ଚାଷୀମାନେ ନିଜର ହକ୍ ଦାବି ପାଇଁ ୨ମାସରୁ ଉର୍ଦ୍ଧ୍ୱ ସମୟ ଧରି ଖରା, ବର୍ଷା, ଶୀତରେ ପଡ଼ି ରହିଥିଲେ ମଧ୍ୟ ସେଥି ପ୍ରତି ବିଜେପି ନୀରବତା ପ୍ରକାଶ କରୁଥିବାବେଳେ, ଏକ ମିଥ୍ୟା ଅଭିଯୋଗ ଭିତ୍ତିରେ ମହିଳା ମହାସଂଘକୁ ବଦନାମ କରିବା ସହ ସରକାରଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଛି ବୋଲି ୨୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ରାଉତ୍ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ଏହି ଅବସରରେ ଶ୍ରୀ ରାଉତ୍ ବିଜେପିର ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ବାସ୍ତବ ସତ୍ୟ କ'ଣ ଏସମ୍ପର୍କରେ ସ୍ପଷ୍ଟିକରଣ ଦେଇଛନ୍ତି । ଶ୍ରୀ ରାଉତ୍ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଡିଏଲପିସି ବୈଠକର ନିଷ୍ପତ୍ତି ଅନୁଯାୟୀ ବନ୍ଧଗାଁ ପଞ୍ଚାୟତରେ ବାବା ରାମେଶ୍ୱର ମହିଳା ମହାସଂଘକୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯାଇଥିଲା । ଶ୍ରୀ ପଣ୍ଡା ନିଜ ଟୋକନ ନମ୍ବର ୩୮୮ରେ ୫୦ କୁଇଣ୍ଟାଲ, ତାଙ୍କ ପତ୍ନୀ ଜ୍ୟୋତ୍ସ୍ନାରାଣୀ ୧୯୨ ନମ୍ବର ଟୋକନ ମୂଳେ ୪୬ କୁଇଣ୍ଟାଲ ୫୫ କେଜି ଧାନ ମହାସଂଘକୁ ବିକ୍ରି କରି ମୋଟ ୧ଲକ୍ଷ ୮୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇ ସାରିଛନ୍ତି । ରାମକୃଷ୍ଣ ପଣ୍ଡା ଆଉ ଏକ ଟୋକନ ନଂ୪୬୫ ମୂଳେ ଜାନୁଆରୀ ୨୩ କୁ ଧାନ ଦେବାର ଧାର୍ଯ୍ୟ ଥିବା ବେଳେ ୨୨ ତାରିଖ ରାତିରେ ଏହା କମ୍ପ୍ୟୁଟରୀକରଣ କାରଣରୁ ଲାପ୍ସ୍ ହୋଇଯାଇଥିଲା । କିନ୍ତୁ ମହାସଂଘ ପାଖରେ ଅତିରିକ୍ତ ଟାର୍ଗେଟ ପହଞ୍ଚି ନଥିବାରୁ ଓ ନିମୟାନୁଯାୟୀ ଟୋକନର ଅବଧି ସରି ଯାଇଥିବାରୁ ଏହା ଲାପ୍ସ୍ ହୋଇଯାଇଥିଲା । ଏ ନେଇ ଶ୍ରୀ ପଣ୍ଡା ମହାସଂଘର ସଭାନେତ୍ରୀଙ୍କୁ ଧରି ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି କାରଣ ବୁଝିଥିଲେ ଓ ଅବଗତ ମଧ୍ୟ ହୋଇଥିଲେ । ଏଥିରେ ମହାସଂଘର କୌଣସି ଭୂମିକା ନାହିଁ । ଅନ୍ୟପକ୍ଷରେ ଉଭୟ ଶ୍ରୀ ପଣ୍ଡା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ଡିସିମିଲ ଜମି ନଥିବା ବେଳେ, ସେ କିପରି ୩ଟି ଟୋକନ ହାତେଇଲେ ତାହା ଏବେ ସନ୍ଦେହର କାରଣ ।ପୁଣି ଶ୍ରୀ ପଣ୍ଡାଙ୍କର ସରକାରୀ ରେକର୍ଡରେ ଯେତିକି ନିଜସ୍ୱ ଜମି ରହିଛି ତାହାକୁ ଆଧାର କଲେ ସେ ମାତ୍ର ୨କୁଇଣ୍ଟାଲ ୪୪ କିଲୋ ଧାନ ବିକିବାକୁ ଅନୁମତି ପାଇବା କଥା । ଅପରପକ୍ଷେ ଶ୍ରୀ ପଣ୍ଡା ଆଦୌ ବିଷ ପିଇ ନାହାନ୍ତି । ସେ ପକେଟରୁ ଏକ ବୋତଲ ବାହାର କରି ପିଇବାକୁ ଉଦ୍ୟମ କଲାବେଳେ, ଉପସ୍ଥିତ ଚାଷୀ, ଧାନ ସଂଗ୍ରହ କମିଟିର ସଭ୍ୟ, ଜନପ୍ରତିନିଧି ତାଙ୍କ ହାତରୁ ବୋତଲ ଛଡ଼ାଇ ନେଇ ବାହାରକୁ ଫିଙ୍ଗି ଦେଇଥିଲେ । ଏହି ସମୟରେ ବୋତଲରୁ ଯେଉଁ ଛିଟିକା ବିଭିନ୍ନ ଲୋକଙ୍କ ଉପରେ ପଡ଼ିଥିଲା, ସେଥିରେ ବିଷ ଗନ୍ଧ ନଥିଲା । ପୂର୍ବରୁ ମଧ୍ୟ ସେ କେତେକ ବ୍ୟକ୍ତିଙ୍କ ଆଗରେ ଆଜି ଆତ୍ମହତ୍ୟା ନାଟକ ରଚିବି ବୋଲି କହିଥିବା କେତେକ ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି, ବିଷ ପିଇବାର ଅଳ୍ପ ସମୟ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ତାଙ୍କୁ ଭଦ୍ରକ ହସ୍‌ପିଟାଲ ନେଇଥିଲା । ପୂର୍ବଯୋଜନା ଅନୁଯାୟୀ ସେଠାକୁ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଡକା ସରିଥିଲା । କିନ୍ତୁ ହସପିଟାଲରେ ଶ୍ରୀ ପଣ୍ଡାଙ୍କ ଭଉଣୀ ଯେଉଁ ବିଷ ବୋତଲ ଗଣମାଧ୍ୟମକୁ ଦେଖାଇଲେ, ତାହା କେଉଁଠାରୁ ଆସିଲା ବୋଲି ଶ୍ରୀ ରାଉତ ପ୍ରଶ୍ନ କରିବା ସହ ଏହା ପ୍ରାୟୋଜିତ ଷଡ଼ଯନ୍ତ୍ରକୁ ସୂଚୀତ କରୁଛି ବୋଲି କହିଛନ୍ତି । ସେହିପରି ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଶ୍ରୀ ପଣ୍ଡା ଥାନାକୁ ଯାଇ କିପରି ଏତଲା ଦେଲେ ବୋଲି ଶ୍ରୀ ରାଉତ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ମହିଳାଙ୍କ ସଶକ୍ତିକରଣ ପାଇଁ ବହୁବିଧ ଉଦ୍ୟମ କରୁଥିବା ବେଳେ, ବିଜେପି ଦଳ ମହିଳାଙ୍କ ଦ୍ୱାରା ପରିଚାଳିତ ମହାସଂଘ ବିରୁଦ୍ଧରେ ଏପରି ମନଗଢ଼ା ଅଭିଯୋଗ ଆଣି ନାରୀ ଜାତିଙ୍କୁ ଅପମାନିତ କରୁଛି । ପୁଣି ଶ୍ରୀ ପଣ୍ଡା ବୋତଲ ଭିତରେ ଖାଲି ପାଣି ଭର୍ତ୍ତିକରି ଯେଉଁ ନାଟକ କରିଥିଲେ, ତାହା ଗତ ୨୭ ତାରିଖରେ ଆଇସିଡିଏସ୍ ସୁପରଭାଇଜର ପ୍ରଶାସନ ପକ୍ଷରୁ ତଦନ୍ତ କରିବାକୁ ଯାଇ ଜନପ୍ରତିନିଧି, କମିଟି ମେମ୍ବର ଓ ଚାଷୀଙ୍କ ବୟାନରୁ ସ୍ପଷ୍ଟ ହୋଇ ସାରିଛି । ଏହି ବିଷ ପିଇବାର ନାଟକବାଜିର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଶ୍ରୀ ରାଉତ ଦାବି କରିଛନ୍ତି ।

# ହିନ୍ଦୁ ଜାଗରଣ ମଂଚର ମାସେ ବ୍ୟାପୀ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଆସନ୍ତା ୬ରୁ

ଭୁବନେଶ୍ୱର,୪।୩ (ନି.ପ୍ର): ହିନ୍ଦୁ ଜାଗରଣ ମଂଚ, ଭୁବନେଶ୍ୱର ତରଫରୁ ଆଗାମୀ ମାର୍ଚ୍ଚ ୬ ତାରିଖରୁ ଏକ ମାସ ଧରି ଭୁବନେଶ୍ୱରର ସମସ୍ତ ଅଂଚଳ ତଥା ମହାବିଦ୍ୟାଳୟ ମାନଙ୍କରେ ଏହି ଭଳି ହନୁମାନ ଚାଳିଶା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେହିପରି ଆଗାମୀ ଏପ୍ରିଲ୍ ୨୧ ତାରିଖରେ ଶ୍ରୀରାମ ନବମୀ ଶୋଭାଯାତ୍ରା ଉତ୍ସବ ଆୟୋଜିତ ହେବ । ଏଥିନିମନ୍ତେ ଭୁବନେଶ୍ୱରର ୧୪୭ ଟି ବସତିର କାର୍ଯ୍ୟକର୍ତାମାନଙ୍କୁ ନେଇ ଗତକାଲି ଗଣ୍ଡମୁଣ୍ଡା ସ୍ଥିତ ହନୁମାନ ମନ୍ଦିରରେ ଉଦଘାଟନୀ କାର୍ଯ୍ୟକ୍ରମ ତଥା ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ବିଭାଗ ସଂଯୋଜକ ସୁମନ୍ତ ଘଡ଼େଇ, ପୂର୍ବ କ୍ଷେତ୍ର ସେବା ପ୍ରମୁଖ ଜଗଦୀଶ ଖାଡାଙ୍ଗା ପ୍ରମୁଖ ଯୋଗ ଦେଇଥିଲେ ।

# ବୟନଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୩ (ନି.ପ୍ର): ଦୀର୍ଘ ୩୭ ବର୍ଷର ଚାକିରି ଜୀବନ ପରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଦେବରାଜ ସାହୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଲୋହିଆ ଏକାଡେମୀଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ବୟନଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱରର ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ୧୯୮୯ରୁ ୨୦୦୯ ପର୍ଯ୍ୟନ୍ତ ବୈଷୟିକ ଅଧିକାରୀ ଭାବେ, ତା'ପରେ ବୟନିକାର ସାଧାରଣ ପରିଚାଳକ ତଥା ସଂପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ବୟନିକାର କ୍ୱାଲିଟି କଂଟ୍ରୋଲ୍ ସେଲ୍ ଗଠନ, କୋଟପାଡ଼ ହସ୍ତତନ୍ତ ବସ୍ତ୍ରକୁ ନିଜ ଜ୍ଞାନକୌଶଳରେ ଭୌଗୋଳିକ ସୂଚକ ଭାବେ ପଂଜୀକୃତ କରାଇଥିଲେ ।

# ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ଟେନିସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୪।୩ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ମେଣ୍ଡାଶାଳ ଗୁରୁକୁଳ ରିସର୍ଟରେ ବୁଧବାର ଠାରୁ ଆରମ୍ଭ ହୋଇଛି ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ଟେନିସ୍ ଚାମ୍ପିଅନସିପ୍ । ମେଜର ସନ୍ଦୀପ ମହାପାତ୍ରଙ୍କ ପିତା ଜେ. ମହାପାତ୍ର ଓ ଖୋର୍ଦ୍ଧା ଜିଲ୍ଲା ଟେନିସ୍ ଆସୋସିଏସନ ସମ୍ପାଦକ ଅସିତ ପ୍ରଧାନଙ୍କ ଦ୍ୱାରା ଏହି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପାଂଚଟି ବର୍ଗ ଯଥା ପୁରୁଷ ଏକକ, ମହିଳା ଏକକ, ୧୬ ବର୍ଷରୁ କମ୍ ବାଳକ, ୧୬ ବର୍ଷରୁ କମ୍ ବାଳିକା ଏବଂ ପୁରୁଷ ଯୁଗଳରେ ଖେଳା ଯାଉଛି । ଓଡ଼ିଶା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟର ୧୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାରେ ମୋଟ ୧.୭୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ଏଥର ପୁରୁଷ ଏକକ ବର୍ଗରେ ରାଜ୍ୟରେ ସର୍ବାଧିକ ୩୦ହଜାର ଟଙ୍କାର ପୁରସ୍କାର ଦିଆଯିବ । ସେହିଭଳି ଉପବିଜେତାଙ୍କୁ ୧୫ହଜାର ଟଙ୍କା ମିଳିବ । ପୁରୁଷ ଯୁଗଳ ବିଜେତାଙ୍କୁ ୨୦ ହଜାର ଏବଂ ବାଳକ ଓ ବାଳିକା ବର୍ଗ ବିଜେତାଙ୍କୁ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।

# ଏଜି ଛକରୁ ରାଜମହଲ , ଆଇଡିବିଆଇ ଛକରୁ ବାଣୀବିହାର ପର୍ଯ୍ୟନ୍ତ ପାର୍କିଂ ଫି ଆଦାୟ କରିବେ କିନ୍ନର

ଭୁବନେଶ୍ୱର ,୪।୩ (ନି.ପ୍ର): ଭୁବନେଶ୍ୱରରେ କିନ୍ନର ଗ୍ରୁପ୍‌କୁ ପାର୍କିଂ ଲଟ୍ ଦେଇଛି ବିଏମସି । ଏହି ଉଦ୍ୟଶ୍ୟରେ ବୁଧବାର ପରିଚୟ ଗ୍ରୁପ୍‌କୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଦେଇଛନ୍ତି ବିଏମ୍‌ସି କମିଶନର ।ଏମାନଙ୍କୁ ଡ୍ରେସ୍, ଆଇ କାର୍ଡ,ଗାଡି ଇତ୍ୟାଦି ଯୋଗାଇ ଦିଆଯାଇଛି । ବର୍ତମାନ ଏହି ଗ୍ରୁପ୍ ୧୦,୦୦୦ରୁ ୨୫,୦୦୦ ମଧ୍ୟରେ ଥିବା ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବେ ଏବଂ ଚିହ୍ନିତ ପାର୍କିଂ ଲଟ୍‌ର(ଏଜି ଛକରୁ ରାଜମହଲ ଏବଂ ଆଇଡି ବି ଆଇ ଛକରୁ ବାଣୀବିହାର) ଦାୟିତ୍ୱରେ ରହିବେ । ଏହି ଅବସରରେ କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ୨ଟି କିନ୍ନର ଗୋଷ୍ଠୀ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଛନ୍ତି । ପୂର୍ବରୁ କିନ୍ନର ମାନଙ୍କ ସ୍ୱିକୃତି ଗ୍ରୁପ୍ କୁ ରାଜମହଲ ଛକ ଠାରୁ ଶ୍ରୀୟା ଛକ ପର୍ଯ୍ୟନ୍ତ ପାର୍କିଂ ଲଟ୍ ଦିଆଯାଇଥିଲା । ଏହାର ସଫଳତାକୁ ଦେଖି ଆଜି ପରିଚୟ ଗ୍ରୁପ୍ କୁ ଆଉ ୨ ଟି ପାର୍କିଂ ଲଟ୍ ଦିଆଯାଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବକେୟା ହୋଲ୍ଡିଂ ଟ୍ୟାକ୍ସ ଏବଂ ଟ୍ରେଡ୍ ଲାଇସେନ୍ସ ଇତ୍ୟାଦି ଆଦାୟ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଭାବେ କିନ୍ନର ଗ୍ରୁପ୍ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ବିଗତ ବର୍ଷ ଏବଂ ଚଳିତ ବର୍ଷ ସ୍ୱୀକୃତି ଗ୍ରୁପ୍‌କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଚଳିତ ବର୍ଷ ଆଉଏକ କିନ୍ନର ଗ୍ରୁପ୍‌କୁ ଦାୟିତ୍ୱ ଦେଇ ବକେୟା ଆଦାୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଗତ ୨୫ ଫେବୃଆରୀରେ ବିଏମ୍ ସି ସହିତ ପରିଚୟ କିନ୍ନର ଗ୍ରୁପ୍ ସହିତ ସହମତି ପତ୍ର ସ୍ୱାକ୍ଷରିତ ହୋଇଥିଲା ।ବିଏମ୍‌ସି ପକ୍ଷରୁ ଡେପୁଟି କମିଶନର, ରେଭିନ୍ୟୁ- ଶ୍ରୀମନ୍ତ ମିଶ୍ର ସ୍ୱାକ୍ଷର କରିଥିବାବେଳେ ସଂପୃକ୍ତ କିନ୍ନର ଗୋଷ୍ଠୀଙ୍କ ତରଫରୁ ନିଲୁ ପ୍ରଧାନ ଏହି କାର୍ଯ୍ୟ ତୁଲାଇଛନ୍ତି । ତେବେ ସେମାନଙ୍କର ପାରିଶ୍ରମିକ ଟ.୪୦ ଲକ୍ଷ ପର୍ଯ୍ୟନ୍ତ ୧%, ୪୦ଲକ୍ଷରୁ ରୁ ୬୦ଲକ୍ଷ ମଧ୍ୟରେ ୧.୫% ଏବଂ ୬୦ଲକ୍ଷରୁ ଉର୍ଦ୍ଧ ପାଇଁ ୨% ରହିବ । ନିୟମିତ ଯାଂଚ ସାଂଗକୁ ନଥି ପରିଚାଳନା ଏବଂ ଉପଯୁକ୍ତ ଆଚରଣକୁ ଗୁରୁତ୍ୱ ଦିଆଯାଇଛି ।

# ପ୍ରାପ୍ୟ ପାଇବା ପାଇଁ ଧାରଣାରେ ବସିବେ ପୌର ଠିକାଦାର

କେନ୍ଦ୍ରାପଡ଼ା,୪।୩ (ନି.ପ୍ର): କରୋନା ମହାମାରୀ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରାସଂସ୍ଥା ପାଇଁ କାମ କରିଥିବା ଠିକାଦାର ମାନେ ପ୍ରାପ୍ୟ ପାଇ ନଥିବାରୁ ଅନଶନରେ ଓ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ୭ଦିନ ମଧ୍ୟରେ ପ୍ରାପ୍ୟ ନମିଳିଲେ ପୌର କାର୍ଯ୍ୟାଳୟ ଆଗରେ ଅନଶନ ଧାରଣା ଦେବେବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସେମାନଙ୍କ ଦାବି ମୁତାବକ କରୋନା କଟକଣା ସମୟରେ ବିଭିନ୍ନ ଟିଏମ୍‌ସି କେନ୍ଦ୍ରକୁ ସାମଗ୍ରୀ ପରିବହନ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ କରିଥିଲେ ମଧ୍ୟ ପୌରସଂସ୍ଥା ପକ୍ଷରୁ କୌଣସି ପ୍ରାପ୍ୟ ଦିଆଯାଇ ନାହିଁ । ଏନେଇ ବାରମ୍ବାର ଦାବି କରାଯାଇ ଥିଲେମଧ୍ୟ କୌଣସି ସୁଫଳ ମିଳୁ ନଥିବାରୁ ୭ଦିନ ମଧ୍ୟରେ ଦାବି ପୂରଣ ନହେଲେ ଅନଶନରେ ବସିବେ ବୋଲି ଠିକାଦାର ସଂଘ ତରଫରୁ ସଭାପତି ମହମ୍ମଦ ବଦରୁତ ଜମା, ସଂପାଦକ ଜଗନ୍ନାଥ ସାହୁ, ମୁରଲିଧର ସାହୁ, ତପନ କୁମାର ମିତ୍ର, ଅଖତର ଖାନ, ଆମଜେଦ୍ ଖାନ, ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ଲିଖିତ ଭାବେ ଜଣାଇଛନ୍ତି ।

# ଆସିକା ଚିନିକଳରେ ଯୋଗ୍ୟ ପ୍ରଶାସନିକ ଅଫିସରଙ୍କୁ ଏମଡି ଭାବରେ ନିଯୁକ୍ତ କରାଯାଉ : ସମୀର ମହାନ୍ତି

ଗଂଜାମ/ଭୁବନେଶ୍ୱର,୪।୩ (ନି.ପ୍ର): ଆସିକା ସମବାୟ ଚିନି ଶିଳ୍ପ ଏସିଆ ମହାଦେଶର ପ୍ରଥମ ଚିନି ଶିଳ୍ପ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ୧୯୬୩ ମସିହାରେ ଆରମ୍ଭ ହୋଇଥିବା ଏହି ଚିନି କଳରେ ୨ ଲକ୍ଷ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ଆଖୁ ପେଡାଯାଉଥିଲା । ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ଚିନିକଳରେ ୩୪ କୋଟି କ୍ଷତି ହୋଇଛି । ଚିନି କଳ ଉପରେ ନିର୍ଭର କରୁଥିବା ଶହ ଶହ ଆଖୁ ଚାଷୀଙ୍କୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଭୂମିରେ ଥିବା ଆସିକା ଆଖୁକଳ କ୍ଷତିରେ ଚାଲିଥିବାବେଳେ ତାଙ୍କ କର୍ମଭୂମି ଚୌଦ୍ୱାରରେ ଥିବା ଓଟିଏମ ଶିଳ୍ପ ବନ୍ଦ ହୋଇ ପଡିଛି । ବିଜୁ ବାବୁଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ଆସିକା ଆଖୁ ଶିଳ୍ପକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେଇ ଯୋଗ୍ୟ ପ୍ରଶାସନିକ ଅଫିସରଙ୍କୁ ଏମଡି ଭାବରେ ନିଯୁକ୍ତ କରାଇ ଆଖୁ ଚାଷୀଙ୍କୁ ବ୍ୟାପକ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଦାବି କରିଛନ୍ତି । ଆସ୍କା ଠାରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ସିଙ୍ଗିପୁର ପଂଚାୟତ ପୂର୍ବତନ ସମିତି ସଭ୍ୟ ରଙ୍କନିଧୀ ପାଣିଗ୍ରାହୀ, ଭାପୁର ପଂଚାୟତ ପୂର୍ବତନ ସରପଂଚ ଶିଶିର ଗୌଡ, ପୂର୍ବତନ ୱାର୍ଡ ମେମ୍ବର ହରପ୍ରସାଦ ମହାନ୍ତି, ଘନ ମହାନ୍ତି, କିଶୋର ଗୌଡ, କଂଗ୍ରେସ ନେତା ପ୍ରସନ୍ନ କୁମାର ଦାସ, ଜୟରାମ ଗୌଡଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଉତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସମସ୍ତଙ୍କୁ ଦଳରେ ସାମିଲ କରାଇଥିଲେ । ଏହି ମିଶ୍ରଣ ଦ୍ୱାରା ଦଳ ମଜବୁତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ଅନୀତା ପ୍ରିୟଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ବରିଷ୍ଠ ନେତା ଦେବରାଜ ମହାନ୍ତି, ମହେଶ ମହାନ୍ତି, ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ, ଶିଶିର ମିଶ୍ରଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ କଟକଣା ପାଳନ ସହ ଜନଗହଳି ନକରି ଅନୁଷ୍ଠିତ ହେବ ଓଳକଣା ମେଳଣ

କେନ୍ଦ୍ରାପଡ଼ା,୪।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ଓଳକଣା ମେଳଣକୁ ସୂଚାରୁ ରୂପେ ପାଳନ କରିବା ପାଇଁ ମେଳଣ ସମନ୍ୱୟ କମିଟି ତରଫରୁ ଜିଲ୍ଲାପାଳଙ୍କୁ ଭେଟି ଅନୁମତି ପ୍ରଦାନ କରିବା ପାଇଁ ଦାବି କିରିଛନ୍ତି । ଏହା ଏକ ବିଶ୍ୱ ପ୍ରସିଦ୍ଧ ମେଳଣ ହେବା ସହ ଏହି ମେଳଣ ପଡିଆରେ ଆଖପାଖ ଅଂଚଳର ଶତାଧିକ ଦୋଳ ବିମାନ ଏକତ୍ରିତ ହୋଇ ଶ୍ରୀଜୀୟୁ ମାନେ ମେଳଣ ପାଳନ କରିଥାନ୍ତି । ଏହି ମେଳଣ ବର୍ଷେ ବନ୍ଦ ରହିଲେ ପରବର୍ତୀ ବାରବର୍ଷ ପର୍ଯ୍ୟନ୍ତ ମେଳଣ ହୋଇପାରିବ ନାହିଁବୋଲି ପରଂପରା ରହିଛି । ମେଳଣ ସମନ୍ୱୟ କମିଟି ତରଫରୁ ରାଜ୍ୟ ସରକାର ଙ୍କ କୋଭିଡ ନିୟମକୁ କଡାକଡି ଭାବେ ପାଳନ କରି ଓଳକଣା ମେଳଣକୁ ପାଳନ କରିବା ପାଇଁ କମିଟି ତରଫରୁ ସଭାପତି ମହନ୍ତ ନାମାନନ୍ଦ ଦାସଙ୍କ ସହ ମହନ୍ତ ପର୍ଶୁରାମ ଦାସ, ବେବର୍ତା ଅଜୟ ଦାସ, ରତୀକାନ୍ତ ସାମଲ, ବିଜୟ କୁମାର ମଲିକ, କରୁଣାକର କର ସୁବାଷ ଚନ୍ଦ୍ର ବେହେରା, ଦୀନବନ୍ଧୁ ପାତ୍ର, କ୍ଷିରୋଦ ଚନ୍ଦ୍ର ବିହାରୀ ପ୍ରମୁଖ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କୁ ଭେଟି ମେଳଣ ପାଇଁ ଅନୁମତି ଦାବି କରିଛନ୍ତି । ତେବେ ସମସ୍ତ କଟକଣା ପାଳନ ପୂର୍ବକ ଜନଗହଳି ନକରି କେବଳ ପାରଂପରିକ ବିଧିବିଧାନ ପାଳନ କରି ମେଳଣ କରିବାକୁ ପ୍ରତିଶୃତି ଦେଇଛନ୍ତି ।

# ମୁଖ୍ୟ ଶାସନ ସଚିବଙ୍କର ଓ.ଏ.ଏସ୍. ଶିକ୍ଷାନବିଶଙ୍କୁ ତାଲିମ୍

## ମୋ ସରକାର ଆଦର୍ଶ ଅନୁସାରେ କାର୍ଯ୍ୟ କର

ଭୁବନେଶ୍ୱର,୪।୩ (ନି.ପ୍ର): ଲୋକମାନଙ୍କ ସହ ସିଧାସଳଖ କଥା ହୋଇ ସହୃଦୟତାର ସେମାନଙ୍କର କଥା ଶୁଣିବା ସହ ନିରପେକ୍ଷ ଭାବେ ନିଷ୍ପତି ନେଇ କାର୍ଯ୍ୟକରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓଡ଼ିଶା ପ୍ରଶାସନିକ ସେବା ଶିକ୍ଷାନବିଶ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନରେ ଆୟୋଜିତ ଆନୁଷ୍ଠାନିକ ତାଲିମ୍ ପର୍ଯ୍ୟାୟର ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ମହାପାତ୍ର ଏହା କହିଛନ୍ତି । କୋଭିଡ୍ ସମୟରେ ଶିକ୍ଷାନବିଶ ମାନେ କ୍ଷେତ୍ରସ୍ତରରେ କରିଥା ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ମହାପାତ୍ର କହିଥିଲେ ଯେ, ବୃତିଗତ ଜୀବନର ଆରମ୍ଭରୁ ହିଁ ଆପଣମାନେ ଏକ ଅଭୁତପୂର୍ବ ମହାମାରୀର କ୍ଷେତ୍ରସ୍ତରୀୟ ପରିଚାଳନା ଅଭିଜ୍ଞତା ହାସଲ କରିଛନ୍ତି । ଏଥିରୁ ଉପଲବ୍ଧ ଶିକ୍ଷାକୁ ଠିକ୍ ଭାବରେ ମନେରଖି ଭବିଷ୍ୟତର କୌଣସି ସମ୍ଭାବ୍ୟ ସାଧାରଣ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସମାଧାନରେ ସଫଳ ଭାବେ ପ୍ରୟୋଗ କରିପାରିବେ । ପୁନଶ୍ଚ, ଶ୍ରୀ ମହାପାତ୍ର କହିଥିଲେ ଯେ, ଜଣେ ଓ.ଏ.ଏସ୍ ଅଧିକାରୀ ଭାବେ ଆପଣମାନେ ବହୁଭବାରେ ଲୋକମାନଙ୍କୁ ସେବା କରିପାରିବେ । ଅନ୍ୟାନ୍ୟ ବିଭାଗୀୟ କ୍ୟାଡ଼ର ମାନଙ୍କରେ ହୁଏତ ଆପଣମାନେ ଏତେ ବ୍ୟାପକ ସୁଯୋଗ ଆପଣ ପାଇ ନଥାନ୍ତେ । ରାଜ୍ୟ ସରକାରଙ୍କ ମୋ ସରକାର ଆଦର୍ଶ ଅନୁସାରେ କାର୍ଯ୍ୟ କରିବାକୁ ଶ୍ରୀ ମହାପାତ୍ର ଶିକ୍ଷାନବିଶ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ମୋ ସରକାର ବ୍ୟବସ୍ଥା ଏକ ଅଭିନବ, ପ୍ରଗତିଶୀଳ ଏବଂ ନାଗରିକ-କେନ୍ଦ୍ରିକ ବ୍ୟବସ୍ଥା । ଏହା ମାଧ୍ୟମରେ ଗଣତନ୍ତ୍ର ଅଧିକ ସଫଳ ଏବଂ ଋଦ୍ଧିମନ୍ତ ହେବ । ମୁଖ୍ୟ ଶାସନ ସଚିବ କହିଥିଲେ ଆପଣମାନଙ୍କର କାର୍ଯ୍ୟାଳୟ ଏବଂ କାର୍ଯ୍ୟଧାରା ଏପରି ହେବା ଉଚିତ ଯାହା ଦ୍ୱାରା ଜଣେ ନାଗରିକ ଅନୁଭବ କରିବ ଯେ, ଏହା ମୋ ସରକାର ଏବଂ ଏହି ବ୍ୟବସ୍ଥା ମୋ ପାଇଁ କାମ କରୁଛି । ନାଗରିକ ମାନଙ୍କ ମନରେ ଏପରି ଭାବନା ସୃଷ୍ଟି ହେଲେ ଆପଣମାନେ ଅଧିକ ସୁବିଧା, ସହଯୋଗ ଓ ସନ୍ତୋଷର ସହ ନିଜର କାର୍ଯ୍ୟ କରିପାରିବେ ।

# ହିମାଚଳ ପ୍ରଦେଶର ତୀର୍ଥନ୍ ଘାଟି



ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଭ୍ରମଣର କ୍ଲାନ୍ତି ଦୂରେଇବାରେ ଏହି ଘାଟି ନିଜ ଭିତରେ ଅନେକ କିଛି ସାଇତି ରଖିଛି ।

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଅନେକ ପର୍ଯ୍ୟଟନସ୍ଥଳିକୁ ନିଜ ଭିତରେ ସାଇତିରଖିଛି । ତୀର୍ଥନ୍ ଘାଟିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ହିମାଳୟ ନ୍ୟାସନାଲ ପାର୍କଠାରୁ ଘାଟିଟି ପ୍ରାୟ ୩କିମି ଦୂରରେ ଅବସ୍ଥିତ । ତୀର୍ଥନ୍ ଘାଟି ଆଡଭେଞ୍ଚର ପାଇଁ କୌଣସି ସ୍ୱର୍ଗଠୁ କମ ନୁହେଁ । ହିମାଳୟ ଶୃଙ୍ଖଳା ସମ୍ପୂର୍ଣ୍ଣ ବରଫରେ ଢ଼ାଙ୍କି ରହୁଥିବାବେଳେ ତୀର୍ଥନ୍ ଘାଟି ଟ୍ରାଉଟ ପାଇଁ ପ୍ରସିଦ୍ଧ । ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥାଏ ପଛକେ କମିବାର ନାଁ ନିଏନାହିଁ । ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ ।

ଘାଟିର ଆଖପାଖରେ ଖୁବ୍‌ତ ସୁନ୍ଦର ଗାଁମାନ ଗଢ଼ିଉଠିଛି । ଏଠାରେ ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ନିଆରା ପରିଚୟ ଅନୁଭବ କରିପାରିବେ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଏଠାକାର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କ ମନମୋହିନି, । ତୀର୍ଥନ୍ ଘାଟି ଆସିବାରେ ସଠିକ୍ ସମୟ ଖରାଦିନ ଏବଂ ଶୀତଦିନ ପ୍ରାରମ୍ଭ । ଏହି କ୍ଷେତ୍ରକୁ ଆସିବାକୁ ଏମିତିରେ କିନ୍ତୁ ତିନୋଟି ଋତୁ ବେଶ ମନଛୁଆଁ ରହିଥାଏ । ପ୍ରଥମତଃ ଏପ୍ରିଲରୁ ଜୁନ୍ । ଏ ସମୟରେ ତୀର୍ଥନ୍ ଘାଟିର ପଆକୃତିକ ସୌନ୍ଦର୍ଯ୍ୟ



କେହି ଜଣେ ବରଫ ଚାଦର ବିଛାଇ ଆପଣଙ୍କ ସ୍ୱାଗତ ପାଇଁ ଅପେକ୍ଷା କରିରହିଛି । ତୃତୀୟରେ ମାର୍ଚ୍ଚରୁ ଏପ୍ରିଲ । ଏସମୟରେ ଘାଟି ସବୁଠୁ ଅଧିକ ସୁନ୍ଦର ଲାଗେ । କାରଣ ଚାରିଆଡ଼େ ଥିବା ଖୋଲା ପଡ଼ିଆ ସବୁ ଘାସରେ ପରିପୂର୍ଣ୍ଣ ହୋଇଯାଇଥାଏ । ଫଳ ଫୁଲରେ ବଗିଚା ଭରିଯାଇଥାଏ । ଏ ଦୃଶ୍ୟ ମନକୁ ମନ୍ତ୍ରମୁଗ୍ଧ କରିଦିଏ । ଛୁଟି କାଟିବାକୁ ବୋଧହୁଏ ଏହାଠୁ

ଏବଂ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ଥାଏ । ଖାରାରୁ ରକ୍ଷା ପାଇବାକୁ ଏହି ପରିବେଶ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ କୌଣସି ଅବହେଳା କରିନଥାଏ । ପୂରା କ୍ଷେତ୍ର ବୃକ୍ଷଲତାରେ ପରିପୂର୍ଣ୍ଣ ଥାଏ । ଏହାର ତାଜା ପବନ ଶରୀରକୁ ସ୍ପର୍ଶ କରି ଦେହମନରେ ଶିହରଣ ସୃଷ୍ଟିଦିଏ । ଏହାସହ ଘାଟିରେ ଥିବା ସୁଗନ୍ଧିତ ରଙ୍ଗୀନ ପୁଷ୍ପ ମନକୁ ରୋମାଞ୍ଚିତ କରିଦିଏ । ଦ୍ୱିତୀୟରେ ନଭେମ୍ବରରୁ ଫେବୃଆରୀ । ଏ ସମୟରେ ତୀର୍ଥନ୍ ଘାଟି ଚତୁଃପାର୍ଶ୍ୱ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ପସନ୍ଦ ଆସିଥାଏ । ସମସ୍ତ ବୃକ୍ଷଲତା ଉପରେ ବରଫ ଜମା ହୋଇଯାଇଥାଏ । ରାସ୍ତାରେ ଯିବାବେଳେ ଲାଗେ ସେତେଯେମିତି

ଭଲ ସ୍ଥାନ ଅନ୍ୟ କେଉଁଠି ପାଇବେ ନାହିଁ । ତୀର୍ଥନ୍ ଘାଟି ଆଖପାଖରେ ଖୁବ୍ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି । ପଶ୍ଚିମ ହିମାଳୟର ପାଇନ ଜଙ୍ଗଲ ନିକଟରେ ସୁନ୍ଦର ରିସୋର୍ଟ ଏବଂ ଟ୍ରିହାଉସ ରହିଛି । ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିନେବ । ଏହାଛଡ଼ା ପାଖରେ ଥିବା ଗାଁ ଗୁଡ଼ିକର ଭ୍ରମଣ କରି ପ୍ରାକୃତିକ ସୌନ୍ଦର୍ଯ୍ୟ, ଏଠାକାର ସଂସ୍କୃତି ଏବଂ ସେମାନଙ୍କ




ଜୀବନଶୈଳୀ ବିଷୟରେ ଜାଣିପାରିବେ । ଏହାଛଡ଼ା ବରଫ ଢ଼ଙ୍କା ବର୍ପତରେ କିଛି ସମୟ ବିତାଇପାରିବେ ଘନ ଜଙ୍ଗଲ ଏବହ ଆଲପାଇନ ମଇଦାରେ ଆପଣ ରଙ୍ଗୀନ୍ ଏବଂ ବିଦେଶାଗତ ପକ୍ଷୀଙ୍କ ସମୟ ସମୟ ବିତାଇପାରିବେ । କ୍ଷେତ୍ରର ସବୁଠୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ ହେଉଛି ସେରୋଲ୍ସର ହ୍ରଦ । ଜାଲୋରୀଠାରୁ ପ୍ରାୟ ୫କିମି ଦୂରରେ ଏହା ଅବସ୍ଥିତ । ହ୍ରଦଟି ଖୁବ୍ ଛୋଟ କିନ୍ତୁ ଏଠାର ସୌନ୍ଦର୍ଯ୍ୟ ବେଶ୍ ମନୋଲୋଭା । ସ୍ଥାନଟି ବୁଢ଼ୀ ନାଗୁଣୀଙ୍କୁ ସମର୍ପିତ । କୁହାଯାଏ ବୁଢ଼ୀ ନାଗୁଣୀ ଏହି କ୍ଷେତ୍ରରେ ଘେରିରହିଛନ୍ତି ।

ତୀର୍ଥନ୍ ଘାଟି ନିକଟରେ ଥିବା ପରାଶନ ହ୍ରଦର ସୌନ୍ଦର୍ଯ୍ୟ ଖୁବ୍ ମନଛୁଆଁ । ଏହାକୁ ବେଶ୍ ପବିତ୍ର ବୋଲି ବିଶ୍ୱାସ କରନ୍ତି ସ୍ଥାନୀୟ ବାସିନ୍ଦା । ହ୍ରଦ ଆଖପାଖରେ ଅନେକ ଐତିହାସିକ ମନ୍ଦିର ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା । ଏଠାରେ ଭୃଗୁ ଋଷିଙ୍କ ମନ୍ଦିର ମଧ୍ୟ ଦର୍ଶନ କରିପାରିବେ । ୧୫୦୦ ବର୍ଷ ପୁରୁଣା ଦୁର୍ଗ ଛେହନୀ କୋଟି କାଠ ବିମ ଏବଂ ପଥର ସ୍ଲବରେ ତିଆରି । କୁଲ୍ଲୁର ରାଜା ରାଣୀ ଧାଧିୟା ଏହି ମହଲରେ ରହୁଥିଲେ । ୧୯୦୫ ରେ ଆସିଥିବା ଭୂକମ୍ପ ଯୋଗୁ ଏହାର ଉପର ପାଞ୍ଚ ମହଲା ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ତଥାପି ଦୁର୍ଗ ନିଜର ଆକର୍ଷଣ ହରାଇନାହିଁ । ହିମାଳୟ କ୍ଷେତଦ୍ରରେ ଏହା ସବୁଠୁ ଉଚ୍ଚ ସଂରଚନା ।

### କେମିତି ଯିବେ

ଦିଲ୍ଲୀ ଭଳି ସହର ସହ ତୀର୍ଥନ୍ ଘାଟି ସଡ଼କମାର୍ଗରେ ସହଜରେ ସଂଯୁକ୍ତ । ଏଠାରେ ପହଞ୍ଚିବା ପରେ ବସ୍ କିମ୍ବା ଟ୍ରେନରେ ଯାଇପାରିବେ । ଏହାଛଡ଼ା ଭୁନ୍ତାର ବିମାନବନ୍ଦର ତୀର୍ଥାନ୍ ଘାଟିଠୁ ଖୁବ ନିକଟ । ଚାର୍ଟର ଏୟାରଲାଇନ୍ସ ଦ୍ୱାରା ଦିଲ୍ଲୀରୁ ହେଲିକପ୍ଟର ସୁବିଧା ମଧ୍ୟ ଦିଆଯାଇଛି । ଆଖପାଖ ସ୍ଥାନ ଭ୍ରମଣ ପାଇଁ ଚଣ୍ଡୀଗଡ଼ରୁ ବିମାନରେ ଯାଇପାରିବେ । ତୀର୍ଥନ ଘାଟିରୁ ଅମ୍ବାଲା ଏବଂ କିରତପୁର ରେଳଷ୍ଟେଦନ ଅତି ନିକଟ ।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବି୍ବାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।



◆ ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ । ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।

◆ ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ । ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।

◆ ମହାଦେବ ମାତା ପାର୍ବତୀଙ୍କ ସହିତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ବିରାଜମାନ କରିଥାନ୍ତି । ଉକ୍ତ ଜ୍ୟୋତିର୍ଲିଙ୍ଗ ଯିଏ ଦର୍ଶନ କରେ, ସେ ସାକ୍ଷାତ ମହାଦେବ ଓ ପାର୍ବତୀଙ୍କ ଦର୍ଶନର ଫଳପାଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ଯିଏ ଦର୍ଶନ କରେ ସେ ମହାନ ଓ ପବିତ୍ର । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ର ସବୁଠାରୁ ଉତ୍ତମ ଓ ପବିତ୍ର କ୍ଷେତ୍ର ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ଅନ୍ୟ କୌଣସି କ୍ଷେତ୍ର ଭ୍ରମଣରେ ଆବଶ୍ୟକତା ନାହିଁ । କାରଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଫଳ ସର୍ବ ତୀର୍ଥକ୍ଷେତ୍ର ଦର୍ଶନର ଫଳଠାରୁ ଅଧିକ ।

# ବିପଜ୍ଜନକ ମାରାଥନ



ମାରାଥନ୍ ଅଫ୍ ଦି ସ୍ୟାଣ୍ଡସ୍ । ରୁକ୍ଷଶୁଷ୍କ ସାହାରା ମରୁଭୂମି, ମୁଣ୍ଡଫଟା ଖରା ମଝିରେ ଦୌଡ଼ । ମରକ୍କୋର ସାହାରା ମରୁଭୂମିରେ ଏଇ ରେସର ଭାବନା ପ୍ରଥମେ ୧୯୮୬ ମସିହାରେ ଫ୍ରାନ୍ସର ପ୍ୟାଟ୍ରିକ୍ ବାଉଚର ନାମକ ଜଣେ ବ୍ୟକ୍ତିଙ୍କ ମୁଣ୍ଡକୁ ଆସିଥିଲା । ସେ ଏହି ମରୁଭୂମିରେ ୧୨ଦିନ ଧରି ଧୌଡ଼ିଥିଲେ ପ୍ରାୟ ୩୫୦ କିଲୋମିଟର । ପରେ ସେ ଚିନ୍ତା କଲେ ଏହାକୁ ମାରାଥନର ରୂପ ଦେବା ପାଇଁ । ପ୍ରାଥମିକ ପର୍ଯ୍ୟାୟରେ ୨୩ ଜଣ ଆଥଲେଟ୍ ଏହି ରେସରେ ଅଂଶଗ୍ରହଣ କରିଥିଲେ । ପ୍ରତି ବର୍ଷ ୩୦ଟି ଦେଶର ପ୍ରାୟ ୮୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରନ୍ତି ଏହି ରେସରେ ଯେଉଁଥିରେ ପ୍ରାୟ ୨୫୧ କିମି ପଥ ଅତିକ୍ରମ କରିବାକୁ ହୋଇଥାଏ । ଏହି ରେସର ଭୟାବହତା ନେଇ ତିଆରି ହୋଇଛି ସିନେମା । ଏଇ ମାରାଥନରେ ରହିଛି ଛଅଟି ପର୍ଯ୍ୟାୟ। ମାରାତ୍ମକ ଖରା ଏବଂ ବାଲି ମଝିରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ନିଜର ପ୍ରୟୋଜନୀୟ ସାମଗ୍ରୀ ନିଜକୁ ହିଁ ରଖିବାକୁ ହେବ । ସାଙ୍ଗରେ ଅତି କମରେ ୧୪ ହଜାର କ୍ୟାଲୋରୀ ଖାଦ୍ୟ ନେବାକୁ ହୋଇଥାଏ । ନିଜ ପୋଷାକ, ଷ୍ଟୋଭ, ସ୍ଲିପିଙ୍ଗ ବ୍ୟାଗ ଓ ସରଭାଇଭାଲ କିଟ୍ ସାଙ୍ଗରେ ରଖିବାକୁ ପଡ଼ିଥାଏ । ସଂସ୍ଥା ତରଫରୁ ମାତ୍ର ୧୦ରୁ ୧୨ ଲିଟର ପାଣି ଦିଆଯାଇଥାଏ ଅଂଶଗ୍ରହଣକାରୀମାନଙ୍କୁ । ପ୍ରତି ବର୍ଷ ବଦଳିଯାଇଥାଏ ।

# ଜିଭରେ ଉଠୁଛି ରୁମ

ବିଶ୍ୱରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ସହ ସବୁବେଳେ କିଛି ନା କିଛି ଖରାପ ହୋଇଥାଏ । ଗୋଟିଏ ଅସୁବିଧାରୁ ମୁକୁଳିବା ପାଇଁ ଯାଉଥିଲାବେଳେ ମାଡ଼ିବସିଥାଏ ଆଉ ଗୋଟେ ସମସ୍ୟା । ଏଭଳି ଏକ ଘଟଣା ଇଂଲଣ୍ଡର ଅକ୍ସଫୋର୍ଡରେ ରହୁଥିବା ୩୪ ବର୍ଷୀୟ ମେଲବିନ୍ ମେନସେଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ମେଲବିନଙ୍କ ଉପରେ ସେତେବେଳେ ଦୁଃଖର ପାହାଡ଼ ଖସିପଡ଼ିଲା ଯେତେବେଳେ ଜଣାପଡ଼ିଲାଯେ, ତାଙ୍କ ଜିଭରେ କ୍ୟନସର ହୋଇଛି । ଭାଗ୍ୟବଳ ଜୋର ଥିବାରୁ ଏହି କ୍ୟାନସରଟି ପ୍ରାଥମିକ ଷ୍ଟେଜରେ ଥିଲା । ପରେ ଡାକ୍ତରମାନେ ଜିଭରେ ଥିବା ଟ୍ୟୁମରକୁ କାଢ଼ିଦେଇଥିଲେ । ହେଲେ ଜିଭର ଆକାର ଅଧା ହେବାରୁ ମେଲବିନଙ୍କ ହାତର ମାଂସକୁ ସେଠାରେ ଲାଇଥିଲେ । ସର୍ଜରୀ ପରେ ଜିଭ ତିଆରି ହୋଇଥିଲା । ମାତ୍ର କିଛିଦିନ ପରେ ମେଲବିନଙ୍କ ସମସ୍ୟା ଆହୁରି ବଢ଼ିଲା । ତାଙ୍କୁ ପ୍ରତି ସମୟରେ ଅନୁଭବ ହେଉଥିଲା ଯେ, ଜିଭରେ କିଛି ଘଟୁଛି । ରାତି ତମାମ ସେ ଷାଶଇପାରୁନାହାଁନ୍ତି । ଯେହେତୁ ହାତର ମାଂସ ଜିଭରେ ଲାଗିଥିଲା ସେହି କାରଣରୁ ଜିଭରେ ସୃଷ୍ଟି ହେଉଛି ରୁମ । ଏହା ବଡ଼ ଅସୁବିଧା ସୃଷ୍ଟି କରିଛି ମେଲବିନଙ୍କ ପାଇଁ । ଡାକ୍ତରଙ୍କ ପରାମର୍ଶ ପରେ ଏବେଜିଭରେ ଲେଜର ଟିଟ୍‌ମେଣ୍ଟ କରାଯିବ ।



# କଳା-ଗୋରା ପଛର କାରଣ

ମଣିଷ ଶରୀର ଗଠନ ପ୍ରାୟତଃ ଏକ ପ୍ରକାରର । ତେବେ ବିଭିନ୍ନ ଦେଶ, ଅଞ୍ଚଳରେ ଲୋକଙ୍କ ରଙ୍ଗରେ ପ୍ରଭେଦ ଦେଖାଦେଇଥାଏ । କିଏ ଗୋରା ତ କିଏ କାଳିଆ ଆଉ କିଏ ସାବନା । ଆଜି ଆମେ ଏହା ପଛରେ ଥିବା କାରଣ ସମ୍ପର୍କରେ ଅବଗତ କରାଇବାକୁ ଯାଉଛୁ ।

ମଣିଷର ତ୍ୱଚାରେ ଏକ ରଙ୍ଗୀନ ପଦାର୍ଥ ମହଜୁଦ ଥାଏ । ଏହି ରଙ୍ଗୀନ ପନଦାର୍ଥକୁ ପିଗମେଣ୍ଟ କୁହାଯାଏ । ଯେତେବେଳେ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ୍‌ରେ ଆମ ଶରୀର ଉପରେ ପଡ଼ିଥାଏ ସେତେବେଳେ ଶରୀରରେ କଳାରଙ୍ଗ ଅଧିକ ଗଠନ ହୋଇଥାଏ । ଏହି ପ୍ରକ୍ରିୟାକୁ ମେଲାନିନ୍ କୁହାଯାଏ । ମେଲାନିନ୍ ମାତ୍ରା ଅଧିକ ହେବା ଦ୍ୱାରା ତ୍ୱଚାର ରଙ୍ଗ କଳା କିମ୍ବା ସାବନା ହୋଇଥାଏ । ଯେଉଁ ଲୋକମାନେ ଥଣ୍ଡା ସ୍ଥାନରେ ରହିଥାନ୍ତି ସେମାନଙ୍କ ଦେହରେ ସୂର୍ଯ୍ୟ ରଶ୍ମୀ





କମମାତ୍ରାରେ ପୁଥିବାରୁ ମେଲାନିନ୍ ପ୍ରକ୍ରିୟା କମ ହୋଇଥାଏ । ଫଳରେ ଶରୀରର ତ୍ୱଚା ଗୋରା ହୋଇଥାଏ । ଉଦାହରଣ ସ୍ୱରୂପ ଆଫ୍ରିକାରେ ତାପମାତ୍ରା ଅଧିକ ରହିଥାଏ । ଏହି କାରଣରୁ ଏଠାକାର ଲୋକଙ୍କ ରଙ୍ଗ କଳା ହୋଇଥାଏ । ଭାରତରେ ଅନେକ ରାଜ୍ୟରେ ଗରମମାତ୍ରା ଅଧିକ ଥିବାରୁ ଲୋକଙ୍କ ରଙ୍ଗ କଳା ହୋଇଥାଏ । ପାଣିପାଗ ତଥା ଜଳବାୟୁ ପରିବର୍ତ୍ତନ ଶରୀରର ରଙ୍ଗ ଉପରେ ପ୍ରଭାବ ପକାଇଥାଏ କେରଳ, କର୍ଣ୍ଣାଟକରେ ଲୋକେ ଅଧିକାଂଶ କଳା ହୋଇଥିବା ବେଳେ କାଶ୍ମୀରରେ ଗୋରା ଲୋକଙ୍କ ସଂଖ୍ୟା ଅଧିକ । ତେବେ ଶରୀରର ରଙ୍ଗରେ ପାର୍ଥକ୍ୟ ଥିଲେ ମଧ୍ୟ ମାନବତାର କୌଣସି ରଙ୍ଗ ନାହିଁ । ହେଲେ ଆଜି ବି ଅନେକ ଦେଶରେ କଳାରଙ୍ଗର ଲୋକଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଇଥାଏ । ଯାହା ଆଦୌ ଗ୍ରହଣୀୟ ନୁହେଁ ।

# ଆଇସକ୍ରିମର ଦାମ ୭୦ହଜାର ଟଙ୍କା

ଏକ ସ୍କୁପ୍ ହଟ୍ ଚକୋଲେଟ୍ ଆଇସକ୍ରିମର ଦାମ୍ କେତେ ହୋଇପାରେ ? ଅତି ବେଶିରେ ୫୦୦ କି ହଜାର ଟଙ୍କା । ଏତେ ବି ହୋଇ ନପାରେ । କିନ୍ତୁ ଏକ ସ୍କୁପ୍ ଆଇସିକ୍ରମର ଦାମ ୭୦ ହଜାର ଟଙ୍କା ହୋଇଥିବ ବୋଲି ବିଶ୍ୱାସ ହେଉଛି କି ? ନ୍ୟୁୟର୍କର ସେରେଣ୍ଡିପିଟି ନାମକ ଏକ ସଂସ୍ଥା ପ୍ରସ୍ତୁତ କରିଥିବା 'ଗୋଲ୍ଡେନ ଆପ୍ୟୁଲାନ୍ସ ସନଡିଉ' ଆଇସକ୍ରିମର ଦାମ ପ୍ରାୟ ୭୦ ହଜାର ଟଙ୍କା । କିନ୍ତୁ କାହିଁକି ଏତେ ଦାମ ? ଖାଇବାକୁ ଚାହିଁଲେ ଅର୍ଡର ଦେଇ ଖାଇବାକୁ ହେବ ଅନ୍ତତଃ ଦୁଇ ଦିନ ଆଗରୁ । ତିନି ସ୍କୁପର ଏହି ତାହିତିଆନ୍ ଭାନିଲା ଆଇସିକ୍ରମର ବିଶେଷତ୍ୱ ଭିନ୍ନ । ଏଇ ଆଇସକ୍ରିମରେ ଥାଏ ଆଲମଣ୍ଡ କାଭିୟାର, ସୁଗାର ଫୋର୍ଡ ଅର୍କିଡ । ଏଇ ସୁଗାର ଫୋର୍ଡ ଅର୍କିଡ ତିଆରି କରିବାକୁ ଲାଗେ ଆଠ ଘଣ୍ଟା ତେବେ ଏହାର ବିଶେଷତ୍ୱ ଅନ୍ୟତ୍ର । ଏହି ଆଇସିକ୍ରମ ୨୩ କ୍ୟାରେଟ୍ ସୁନାର ଫଏଲ ଦେଇ ମୋଡ଼ା ହୋଇଥାଏ । ଆଇସକ୍ରିମଟି ପରିବେଷଣ କରାଯାଏ ଏକ କ୍ରିଷ୍ଟାଏ ଗବଲେଟ୍ ମଝିରେ ଯାହା ବି ୨୨ କ୍ୟାରେଟ୍ ସୁନା ଫଏଲରେ ଆଚ୍ଛାଦିତ । ପାଖରେ ଥାଏ ୧୮ କ୍ୟାରେଟ୍ ସୁନାର ଏକ ଚାମଚ । ଏହି ଆଇସକ୍ରିମ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ ସବୁ କେଉଁଠୁ ଆସେ ଜାଣନ୍ତି ? ଇଟାଲିର ତାସ୍କାନିରୁ ଆସେ ଚକୋଲେଟ୍, ଭାନିଲା ବିନ୍ ଆସେ ମାଡାଗାସ୍କରରୁ ।



ଆଉ ଆଇସକ୍ରିମ୍ ଉପରେ ଯେଉଁ ଆସ୍ତରଣ ଦିଆଯାଏ ତାହା ଆସେ ପ୍ୟାରିସରୁ । ଏହି ଆଇସକ୍ରିମଟି 'କୋନ୍' ଭାବରେ ମଧ୍ୟ ଆଜିକାଲି ଲଣ୍ଡନରେ ଉପଲବ୍ଧ ହେଉଛି । ସେଇ କୋନ୍ ଆଇସିକ୍ରିମରେ ରହିଛି ଅନ୍ୟ ଏକ ବିଶେଷତ୍ୱ । ଏହି କୋନରେ ଏଡିବଲ ଡାଇମଣ୍ଡ ମିଶା ଯାଇଥାଏ । ଅର୍ଥାତ୍ ଆଇସକ୍ରିମରେ ମିଶିଥାଏ ହୀରା ଭସ୍ମ । ଏକ ଛୋଟ କୋନର ଦାମ ୧୨୭ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮,୭୪୦ଟଙ୍କା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଓଡ଼ିଶା ଜଳିବ...

ରାଜ୍ୟ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଗଲାଣି ପ୍ରଚଣ୍ଡ ତାତି। ଏଭଳି କୌଣସି ସହର ଓ ଗ୍ରାମାଂଚଳ ନାହିଁ, ଯେଉଁଠି କି ତାପମାତ୍ରା ରାମ ବିନ୍ଦୁ ନଛୁଇଁଛି। ରାଜଧାନୀ ଭୁବନେଶ୍ୱର ଏହା ମଧ୍ୟରେ ସର୍ବାଧିକ ଉତ୍ତପ୍ତ ସହର ରୂପେ ଚିହ୍ନିତ ହୋଇସାରିଛି। ବଲାଙ୍ଗୀରର ଟିଟିଲାଗଡ଼ ପୂର୍ବ ବର୍ଷମାନଙ୍କ ଭଳି ହୋଇସାରିଛି ତତଲାଗଡ଼। ଭାରତୀୟ ଜଳବାୟୁ ବିଭାଗ ଏବେ ପୂର୍ବ ସୂଚନା ଦେଇଛି ଯେ, ଚଳିତ ମାର୍ଚ୍ଚ ମାସଠାରୁ ମେ' ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ପାରଦ ଦିନବେଳା ୪୦ରୁ ୪୪ ଡିଗ୍ରୀକୁ ଚାଲିଯିବାର ସମ୍ଭାବନା ରହିଥିବାର କୁହାଯାଇଛି। ଏପରିକି କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀକୁ ଅତିକ୍ରମ କରିଯିବାର ଆଶଙ୍କା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଏ ପର୍ଯ୍ୟନ୍ତ ସତ୍ୟ ପ୍ରମାଣିତ ହୋଇଆସୁଛି। ତେଣୁ ମାର୍ଚ୍ଚ ମାସର ମେ' ପର୍ଯ୍ୟନ୍ତ ତାତି ଜନଜୀବନକୁ କଲବଲ କରିପକାଇବାର ଆଶଙ୍କାକୁ ଲୋକମାନେ ଗମ୍ଭୀରତାର ସହ ଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଫେବୃଆରୀଠାରରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇସାରିଲାଣି। ପ୍ରତିବର୍ଷ ରାଜଧାନୀ ଭୁବନେଶ୍ୱରରେ ଫେବୃଆରୀ ମାସରେ ତାପମାତ୍ରା ଏମିତିରେ ୩୪ ଡିଗ୍ରୀ ରହୁଥିଲା। ମାତ୍ର ଏ ବର୍ଷ ତାହା ୪୦ ଡିଗ୍ରୀକୁ ଛୁଇଁ ସାରିଛି। ତଟବର୍ତ୍ତୀ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପାରଦ ଯଦିଓ ସାମାନ୍ୟ ଊଣା ରହୁଛି; ହେଲେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ପୂର୍ବ ବର୍ଷ ତୁଳନାରେ ଅଧିକ ହେବା ଆରମ୍ଭ ହେଲାଣି। ଯଦି ଏହି ଧାରା ଲାଗିରହେ, ଆଶଙ୍କା ହେଉଛି ଓଡ଼ିଶାରେ ସର୍ବାଧିକ ତାପମାତ୍ରା ମାର୍ଚ୍ଚରେ ସର୍ବାଧିକ ବୟାଳିଶ ଡିଗ୍ରୀ ଛୁଇଁବ। ହୋଇପାରେ, ଏପ୍ରିଲ ଏବଂ ମେ' ମାସରେ ୪୫ ଡିଗ୍ରୀକୁ ସ୍ପର୍ଶ କରିପାରେ। ପୂର୍ବ ବର୍ଷଗୁଡ଼ିକର ସ୍ଥିତିକୁ ଦେଖାଗଲେ, ଚଳିତ ବର୍ଷ ତାତି ରେକର୍ଡ ଭାଙ୍ଗିବା ଏକପ୍ରକାର ନିଶ୍ଚିତ ଲାଗୁଛି। ଏଭଳି ଗ୍ରୀଷ୍ମଧାରା ବୃଦ୍ଧି ପାଇବା ପଛରେ ରହିଛି ଏକାଧିକ କାରଣ। ଉତ୍ତର-ପଶ୍ଚିମ ବାୟୁର ଗତି ପରିବର୍ତ୍ତନ ମୁଖ୍ୟ କାରଣ। ଜାନୁଆରୀରୁ ଏହି ପ୍ରବାହ ଭୂପୃଷ୍ଠରୁ ବାର କିଲୋମିଟର ଉପରେ ପ୍ରବାହିତ ହେଉଥିଲା। ଓଡ଼ିଶା ଓ ଛତିଶଗଡ଼ ସମେତ କେତେକ ଅଂଚଳରେ ଏହି ବାୟୁ ପ୍ରବାହ କାରଣରୁ ଶୀତଳ ପବନ ବହୁଥିଲା। ଦିନବେଳା ତାପମାତ୍ରା ସେତେ ଅଧିକ ହେଉନଥିଲା। ମାତ୍ର ଗତ ତମାସ ମଧ୍ୟଭାଗରୁ ତାହାର ଗତିପଥ ବଦଳିଗଲା। ତାହାର ପ୍ରଭାବରେ ହଠାତ୍ ଓଡ଼ିଶାରେ ବଢ଼ିଗଲା ତାତି। ତାହାରି ଭିତରେ କେଉଁଠି କେଉଁଠି କାଳବୈଶାଖୀ ସୃଷ୍ଟି ହେବା, ଘୂର୍ଣ୍ଣିଝଡ଼ ବା ଛୋଟ ଖଣ୍ଡିଆଭୂତ ମଧ୍ୟ ହୋଇଥାଏ। ସେଥିପାଇଁ କେତେକ ସ୍ଥାନରେ ଧନ ଜୀବନ କ୍ଷତି ମଧ୍ୟ ହୋଇଥିବାର ଦେଖାଦେଇଛି। ଗ୍ରୀଷ୍ମପ୍ରବାହ ଓ ପ୍ରକୋପ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ସର୍ବାଧିକ ତାପମାତ୍ରା ୩୯.୮ ଡିଗ୍ରୀ ସେଲସିୟସ୍ ଛୁଇଁଥିବାବେଳେ ରାଜଧାନୀ ଭୁବନେଶ୍ୱରର, ବାରିପଦା, ଅନୁଗୁଳ, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ ଭଳି ସହରରେ ଅନୁଭୂତ ହୋଇଛି। କେତେକ ଜିଲ୍ଲାରେ ଜଳବାୟୁର ଗତିବିଧି ଆଧାରରେ ସତର୍କ ସୂଚନା ଦିଆଯାଇଛି। ପୂର୍ବ ବର୍ଷମାନଙ୍କରେ ଅଂଶୁଘାତ, ବଜ୍ରପାତ ଭଳି ଦୁର୍ବିପାକ ଲାଗି ସତର୍କତା ଗ୍ରହଣୀୟ ପଦକ୍ଷେପ । ପ୍ରକୃତିର ସନ୍ତୁଳନ ବିଗିଡ଼ି ଯାଉଥିବା ଭିତରେ ସମ୍ଭାବ୍ୟ ବିପତ୍ତିର କିଭଳି ମୁକାବିଲା କରାଯିବ, ତାହା ପ୍ରମୁଖ ପ୍ରଶ୍ନ ହୋଇ ଛିଡ଼ାହେବା ସ୍ୱାଭାବିକ। ପାନୀୟ ଜଳର ତିରୋଟ ସ୍ଥିତି, ଜଳାଶୟଗୁଡ଼ିକରେ ସ୍ତର ଖସିବା ଭଳି ଅବସ୍ଥାର କେମିତି ମୁକାବିଲା କରାଯିବ, ତାହା ପ୍ରତି ଦୀର୍ଘମିଆଦୀ ପଦକ୍ଷେପ ନେବା ଉପରେ ପ୍ରାଥମିକତା ଦିଆଯିବା ଦରକାର। ରାଜ୍ୟ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ପଦକ୍ଷେପ ନିଆଯାଇ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ଆଶ୍ରୟସ୍ଥଳଗୁଡ଼ିକୁ ଯଥାଯଥ କରାଯିବା କେତେ ଜରୁରି ତାହା ସମସ୍ତେ ଉପଲବ୍ଧି କରିବା ଉଚିତ୍। ଉତ୍ତପ୍ତ ନିଦାଘ କାଳରେ ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟୁଥିବାର ଖବର ରହିଛି। ବିଭିନ୍ନ ଜଙ୍ଗଲରେ ମଧ୍ୟ ମୂଲ୍ୟବାନ ଗଛପତ୍ର ପୋଡ଼ିଯାଉଛି। ସେଭଳି ଅଘଟଣକୁ ରୋକିବା ପାଇଁ ପୂର୍ବ ସତର୍କତା ଓ ପ୍ରସ୍ତୁତି କରାଯିବା ଉପରେ ପ୍ରଶାସନ ଗୁରୁତ୍ୱ ଦେବା ମଧ୍ୟ ଜରୁରି। ଖରାଦିନେ ଗୋମହିଷାଦି ଗୃହପାଳିତ ପଶୁମାନଙ୍କର ଚାରଣ ସଙ୍କୁଚିତ ହୋଇଯାଉଛି। ତେଣୁ ସେମାନଙ୍କୁ ଉପଯୁକ୍ତ ଗୋଖାଦ୍ୟ କିଭଳି ଯଥା ସମୟରେ ଯୋଗାଇ ଦିଆଯିବ ତାହାର ପ୍ରାବଧାନ ସମ୍ପୃକ୍ତ ବିଭାଗର ଦାୟିତ୍ୱ। ଏହି ପୃଷ୍ଠଭୂମିରେ ସୀମିତ ସମୟ ମୌସୁମୀ ଆଗମନ ପୂର୍ବରୁ କିଭଳି ଅତିକ୍ରାନ୍ତ ହେବ ଏବଂ ଦିନ ମଜୁରିଆମାନଙ୍କ ଶ୍ରମ ଦିବସ ସୃଷ୍ଟି ପାଇଁ କିଭଳି ସର୍ତ୍ତ କାର୍ଯ୍ୟକାରୀ କରାଯିବ ତାହା ବିଭାଗୀୟ କର୍ତ୍ତାମାନେ ମଧ୍ୟ ବୋଲି ଆଶା କରାଯାଏ। ସଂକ୍ଷେପରେ କହିଲେ, ସାଧାରଣ ଜୀବନଯାତ୍ରାକୁ ବିପର୍ଯ୍ୟସ୍ତ କରିପକାଉଥିବା ଏହି ନିଦାଘର ମୁକାବିଲା ପାଇଁ ସବୁ ସ୍ତରର ତତ୍ପରତା ଅପରିହାର୍ଯ୍ୟ।

# ମୋ ସ୍ୱପ୍ନର ଓଡ଼ିଶା : ବିଜୟାନନ୍ଦ ପଟ୍ଟନାୟକ



ବିପିନ ବିହାରୀ ମହାନ୍ତି



ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ସଂକ୍ଷେପରେ ବିଜୁ ପଟ୍ଟନାୟକ ଆମ ଓଡ଼ିଶା ବା କଳିଙ୍ଗର ଶେଷ ସମ୍ରାଟ ବୋଲି କୁହାଯାଏ। ସେ କେବଳ ଜଣେ ପ୍ରବାଦ ପୁରୁଷ ନୁହଁନ୍ତି, ଜଣେ ବିଶ୍ୱ ପୁରୁଷ ଯାହାଙ୍କୁ ସାରା ବିଶ୍ୱ ସମ୍ମାନ ଜଣାଏ । ବିଶ୍ୱପାଇଁ, ଏ ଦେଶ ପାଇଁ ବା ଆଉ ଯାହା ପାଇଁ ସେ ଯାହା କରିଥିଲେ ବି ସ୍ୱପ୍ନ ଥିଲା ଏ ଓଡ଼ିଶାକୁ ବିଶ୍ୱଦରବାରରେ ନୂଆ କରି ଏବଂ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିବା । ସେଥିପାଇଁ ସେ ତାଙ୍କ ଶାସନର ଅବଧି ଭିତରେ ତଥା ତାଙ୍କ ଜୀବନ କାଳରେ ଏବଂ ରାଜ୍ୟ ତଥା ଜାତୀୟ ସ୍ତରରେ ଆପ୍ରାଣ ଚେଷ୍ଟା କରିଛନ୍ତି। ସେ ଥିଲେ ଓଡ଼ିଆ ପ୍ରାଣ। ଓଡ଼ିଆ ଏବଂ ଓଡ଼ିଶା ପାଇଁ ତାଙ୍କ ହୃଦୟ ସଦାବେଳେ କାନ୍ଦି ଉଠୁଥିଲା। ଓଡ଼ିଶା ହିଁ ଥିଲା ତାଙ୍କର ସ୍ୱପ୍ନ। ଓଡ଼ିଶାକୁ ସେ ଯେଉଁ ଭାବରେ ଦେଖିବାକୁ ଚାହୁଥିଲେ ସେ ତାକୁ ନିଜେ ଅଭିହିତ କରିଛନ୍ତି 'ମୋ ସ୍ୱପ୍ନର ଓଡ଼ିଶା' । ତାଙ୍କ ସ୍ୱପ୍ନର ଓଡ଼ିଶା କ'ଣ ଥିଲା ସେ ଏକଥା ସ୍ୱର୍ଗତ ବିନୋଦ୍ କାନୁନ୍‌ଗୋଙ୍କ ସ୍ମୃତି ଚାରଣ ନିମନ୍ତେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିବା ଏକ ସାଧାରଣ ସଭାରେ ଯେଉଁ ଭାଷଣ ଦେଇଥିଲେ ତାହାର କିୟତ୍ ଅଂଶ ଏଠାରେ ଉପସ୍ଥାପନ କଲୁ। ପ୍ରକାଶ ଥାଉକି ସେତେବେଳେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ।

ତାଙ୍କ ସ୍ୱପ୍ନର ଓଡ଼ିଶା ବକ୍ତବ୍ୟଟି ଏହିପରି :

ମୁଁ ସ୍ଥିର କରିଛି ଆଜି ଆଉ କିଛି କହିବି ନାହିଁ, ସ୍ୱପ୍ନ ଖୋଜିବି। ଆଜି ମୋ ସ୍ୱପ୍ନର ଓଡ଼ିଶା ସମ୍ପର୍କରେ ଆଲୋଚନା କରିବାକୁ ମୋର ଇଚ୍ଛା। ଅତଏବ, ମୁଁ କ'ଣ ସ୍ୱପ୍ନ ଦେଖିବି? ଥରେ କବି ଗୁରୁ ରବିନ୍ଦ୍ରନାଥ ଠାକୁର କହିଥିଲେ, " ଯେତେବେଳେ ତୁମେ ସ୍ୱପ୍ନ ଖୋଜିବ, ମହାନ୍ ସ୍ୱପ୍ନ ଦେଖିବା ଦ୍ୱାରା ମହାନ୍ କାର୍ଯ୍ୟ ସାଧିତ ହୋଇଥାଏ। " ଆମେ ସମସ୍ତେ ଧ୍ରୁବ ମୃତ୍ୟୁର ପଥରେ ଯିବା ପାଇଁ ଜନ୍ମଲାଭ କରିଛୁଁ। ତେଣୁ ସ୍ୱପ୍ନ ଦେଖିବା ବେଳେ ସବୁଠୁ ମହାନ୍ ସ୍ୱପ୍ନ ଦେଖ। ତାଙ୍କ କବିତାରେ ସେ କ'ଣ କହିଥିଲେ ? "ସପନ ଦେଖେ ତୁଲ୍‌ବୋ ଆମି ଜାତି, ପ୍ରବାଲ୍ ଦ୍ୱୀପେ ମନି ମୁକ୍ତାର"। ଏଇ ସ୍ୱପ୍ନ ସେ ଦିନର ତରୁଣମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ ଉଦ୍‌ବୁଦ୍ଧ କରିଥିଲା। ରବି ଠାକୁରଙ୍କର ସେଇ କବିତା ପଂକ୍ତି ମୁଁ ଭୁଲି ଯାଇନାହିଁ।

ମୁଁ ଯେତେବେଳେ ଓଡ଼ିଶାକୁ ନେଇ ସ୍ୱପ୍ନ ଦେଖେ, କ'ଣ ଦେଖିବି? ଓଡ଼ିଶା ଆଜି କ୍ଷୁଦ୍ର ସ୍ଥାନଟିଏ। ଦିନେ ଏହା ଥିଲା ଭାରତର ମହାନ୍‌ତମ ସାମ୍ରାଜ୍ୟ। ଏହାର ସୈନ୍ୟ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଏବଂ ସେମାନଙ୍କୁ ଭାରତର ସୀମା ବାହାରକୁ ତଡ଼ି ଦେଇଥିଲେ। ପୃଥିବୀରେ, ଆଗରୁ ଯେତେ ଜଣାଶୁଣା ନୌ-ଶକ୍ତି ଥିଲା, କଳିଙ୍ଗ ଥିଲା ସେଥି ମଧ୍ୟରେ ବୃହତ୍ତମ।

ସେହି କଳିଙ୍ଗ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ତା'ର ସଭ୍ୟତା ବିସ୍ତାର କରିଥିଲା। ଏପରିକି ଆଜି ମଧ୍ୟ ସେଇ ଦେଶ ଗୁଡ଼ିକରେ କଳିଙ୍ଗ ଗୌରବର ମୂକସାକ୍ଷୀ ରୂପେ ଧ୍ୱଂସାବଶେଷମାନ ଦେଖିବାକୁ ମିଳେ। ସେ ଦିନର ଉଚ୍ଚକିତ ସ୍ୱପ୍ନଠାରୁ ସୁନ୍ଦର ସ୍ୱପ୍ନ ଆଉ ମୋ ପାଇଁ କାହିଁ? ଓଡ଼ିଶା ବା କଳିଙ୍ଗ ଯେତେବେଳେ ଥିଲା ପ୍ରାଣକେନ୍ଦ୍ର, ଯେତେବେଳେ କଳିଙ୍ଗ ଥିଲା ଭାରତର ମହାନତମ ସାମ୍ରାଜ୍ୟ, ଯେତେବେଳେ କଳିଙ୍ଗର ନାବିକମାନେ ଭୟ କ'ଣ ଜାଣି ନଥିଲେ, କଳିଙ୍ଗର ମାତାମାନେ "ବୀରାଙ୍ଗନା" ରୂପେ ଅଭିହିତ ଥିଲେ, ସେ ଦିନର କଳିଙ୍ଗ ସେମିତି ଥିଲା। ତେଣୁ ସେ କାଳର ସ୍ୱପ୍ନ ମଧ୍ୟ କଳିଙ୍ଗର ଶ୍ଳାଘ୍ୟ।

ମୋର ଏକ ବିଂଶ ଶତାବ୍ଦୀର ଓଡ଼ିଶା ସ୍ୱପ୍ନରେ ରାଜ୍ୟର ସ୍ୱାର୍ଥକୁ ନିଜର ମଣୁଥିବା ତରୁଣ - ତରୁଣୀ ଅନ୍ତର୍ଭୁକ୍ତ। ସେମାନେ ନିଜକୁ ମହିମାନ୍ୱିତ ମଣିବା, ନିଜ ଉପରେ ପ୍ରତ୍ୟୟ ରଖିବା ଆବଶ୍ୟକ। ସେମାନେ ନିଜ ଉପରେ ଆସ୍ଥା ରଖିଲେ କାହାର ଅନୁକମ୍ପା ଚାହିଁବେ ନାହିଁ। ସେମାନଙ୍କ ମସ୍ତିଷ୍କ ବୁଦ୍ଧି ଓ ଯୋଗ୍ୟତା ମାଧ୍ୟମରେ କଳିଙ୍ଗ ଇତିହାସ ସେମାନେ ପୁନରୁଦ୍ଧାର କରିବା ଉଚିତ। ମୋ ଏକ ବିଂଶ ଶତାବ୍ଦୀରେ ମୁଁ ଚାହେଁ ସୁଯୋଗ୍ୟ ଶିଳ୍ପୀ, ସୁନାମଧନ୍ୟ କାରିଗର ଏବଂ ଭାସ୍କର, ସୁମହାନ ସଂଗୀତଜ୍ଞ ଓ କବି। ଆମେ ହିଁ କୋଣାର୍କର ସ୍ରଷ୍ଟା। ଓଡ଼ିଶା ବା କଳିଙ୍ଗ ମାଟିରେ ଦିନେ "ଗୀତ ଗୋବିନ୍ଦ" ରଚିତ ହୋଇଥିଲା। ଏଇ ମାଟିରେ ମହାନ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଭୂମିଷ୍ଠ ହୋଇଥିଲେ। ତାଙ୍କ ଗଣନା ମାଧ୍ୟମରେ ସେ ଆକାଶକୁ ଚାହିଁ ଜ୍ୟୋତିବିଜ୍ଞାନର ରହସ୍ୟ ଉଦ୍‌ଘାଟନ କରିଥିଲେ ଏବଂ ବିଶ୍ୱକୁ ବିଦିତ କରୁଥିଲେ। ଏଇ ମାଟିରେ ମହାନ ଗଣିତଜ୍ଞ ମହାନ ଭାସ୍କର ଓ ଶିଳ୍ପୀ, ମହାନ ସଂଗୀତଜ୍ଞ , ନର୍ତ୍ତକ-ନର୍ତ୍ତକୀ ଭୂମିଷ୍ଠ ହୋଇଛନ୍ତି। ମହାନ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଜନ୍ମଲାଭ କରିଛନ୍ତି। ମୋ ସ୍ୱପ୍ନର ଓଡ଼ିଶାରେ ସେମାନଙ୍କର ପ୍ରତିଭା ଉନ୍ମୀଳିତ ହେବା ଉଚିତ୍।

"କରୁଣା"ଶବ୍ଦର ଇଂରାଜୀ ପ୍ରତିଶବ୍ଦ ନାହିଁ ଯେତେବେଳେ ଜଣେ ଯୁବତୀ ଯୋଡ଼ ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା ଜଣାଏ, ସେ ଈଶ୍ୱରଙ୍କର ଗୋଟିଏ ଆର୍ଶୀବାଦ ଭିକ୍ଷା କରେ, "ହେ ଭଗବାନ! ମୋ ଆତ୍ମାର ପାତ୍ର କରୁଣାରେ ପରିପୂର୍ଣ୍ଣ କର। ମୁଁ ଆଉ କିଛି ଚାହେଁ ନାହିଁ।" ମୋ ସ୍ୱପ୍ନର ଓଡ଼ିଶା ସଂସ୍କୃତିର ସେଇ କ୍ଷୁଦ୍ର ରୂପରେ ସାକାର ହେବ।

ଆମେ, ଆଜିର ନାରୀ ପୁରୁଷମାନେ, ଦାୟିତ୍ୱ ବହନ କରିବାକୁ ପଛଘୁଞ୍ଚା ଦେଉଛୁଁ। କାରଣ ଆମ ମନରେ ମହାନ୍ ସ୍ୱପ୍ନ ନାହିଁ। କ୍ଷୁଦ୍ର ସମସ୍ୟା, କ୍ଷୁଦ୍ର ପ୍ରବଞ୍ଚନା, କ୍ଷୁଦ୍ର ଅନୁରାଗ-ବିରାଗ, କ୍ଷୁଦ୍ର ଲାଭ ବା କ୍ଷତିର ଉତ୍ପୀଡ଼ିତ ହୋଇ ଆମେ କ୍ଷୁଦ୍ର ମଣିଷ ପାଲଟି ଯାଇଛୁଁ। ସାମୂହିକ ସଂକଳ୍ପରେ ଓଡ଼ିଶାର ସମୃଦ୍ଧି ସାଧିତ ହୋଇପାରିବ। ଆମେ ମହାନ୍ ପରମ୍ପରା ଦାୟାଦ। ପୂର୍ବ ପୁରୁଷଙ୍କ ରକ୍ତର ଝରଣା, ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀ ଧାରା, ରମଣୀୟ ସମୁଦ୍ର, ସମୃଦ୍ଧ ଅରଣ୍ୟ ସମ୍ପଦ ଆମ ରାଜ୍ୟବାସୀମାନଙ୍କ ପାଇଁ ଈଶ୍ୱରଙ୍କର ଉପହାର। ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ- ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଈଶ୍ୱରଙ୍କର ଏ ସବୁ ଉପହାର ବିନିଯୋଗ କରି ମହାର୍ଘ ଯନ୍ତ୍ରପାତି ନିର୍ମାଣ କରନ୍ତୁ । ସମସ୍ତଙ୍କ ପାଇଁ ସମ୍ପଦର ସ୍ୱର୍ଣ୍ଣଦୀଧାରା ଏଇ ମାଟିରେ ପ୍ରବାହିତ କରନ୍ତୁ। ସମସ୍ତଙ୍କୁ ନିଯୁକ୍ତି ଦିଅନ୍ତୁ ଓ ସର୍ଜନାତ୍ମକ କର୍ମରେ ପରିଚାଳନା କରନ୍ତୁ।

ମୋ ସ୍ୱପ୍ନର ଓଡ଼ିଶାରେ କୌଣସି କୃଷକର କ୍ଷେତ ଶୁଷ୍କ-ଶ୍ରୀହୀନ ରହିବ ନାହିଁ। ଆମ ମାଟିକୁ ସିକ୍ତ କରୁଥିବା ପ୍ରତିଟି ଜଳବିନ୍ଦୁ ସବୁଜ ସମ୍ଭାରର ଉପହାର ଅଜାଡ଼ି ଦେଉ। ମୋ ସ୍ୱପ୍ନର ଆଗାମୀ କାଲିର ଓଡ଼ିଶାରେ ମୁଁ ନାରୀ ନିର୍ଯ୍ୟାତନା ସମ୍ପର୍କରେ ପଦୁଟିଏ କାନକୁହା କଥା ବି ଶୁଣିବାକୁ ଚାହେଁନାହିଁ। ନାରୀ ପୁରୁଷ ସହିତ ସମାନ ଭୂମିକାରେ ଅବତୀର୍ଣ୍ଣ ହେବାର ସୁଦିନ ସହିତ କେମିତି ଶୀଘ୍ର ଆସିବ, ମୁଁ ଆଜି ସେଇ ସ୍ୱପ୍ନ ଦେଖୁଛି। ସେମାନେ ପୁରୁଷ ସହିତ ସମାନ ଅଧିକାର ଲାଭ କରିବେ। ସମାନ ସୁବିଧା ସୁଯୋଗ ଉପଭୋଗ କରିବେ। ଏହା ହିଁ ମୋର ଆଗାମୀ କାଲିର ସ୍ୱପ୍ନ, ଏକବିଂଶ ଶତାବ୍ଦୀର ସ୍ୱପ୍ନ। ସେତେବେଳକୁ ମୋ ରାଜ୍ୟର କୌଣସି ଶିଶୁ ଖାଦ୍ୟାଭାବର କ୍ଲେଶ ଭୋଗ କରିବା ନାହିଁ। କ୍ଷୁଧିତ ରହିବେ ନାହିଁ କିମ୍ବା ଅପୁଷ୍ଟିକର ଶିକାର ହେବ ନାହିଁ । ନିରକ୍ଷରତା ବା ଅଜ୍ଞତା ମୋ ରାଜ୍ୟର ସୀମା ମାଡ଼ିବ ନାହିଁ।

ମୋ କୃଷିଜୀବୀମାନଙ୍କ ପାଇଁ ମୁଁ ସ୍ୱପ୍ନ ଦେଖୁଛି ଯେ, ଜଳାଭାବରେ ସେମାନଙ୍କ କ୍ଷେତରୁ ଶସ୍ୟ କେବେ ନଷ୍ଟ ନହେଉ। ପ୍ରତିଟି ଜଳବିନ୍ଦୁ ସଂରକ୍ଷିତ ହେ. ଉତ୍ପାଦନ ପାଇଁ ନିୟୋଜିତ ହେଉ। ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଅଭିଶାପ । କିନ୍ତୁ ଏହା ହେଉ ଅତୀତର ଅଧ୍ୟାୟ। କବର ତଳେ ରହୁ। ଯେତେବେଳ ନଦୀଧାରା ନିୟନ୍ତ୍ରିତ ହେବ, ଜଳ ସଂରକ୍ଷଣ ନିର୍ମାଣ ପ୍ରକଳ୍ପମାନ କାର୍ଯ୍ୟକାରୀ ହେବ, ଆବଶ୍ୟକ ବେଳେ ଶୁଷ୍କ କ୍ଷେତରେ ଆଉ ଜଳାଭାବ ରହିବ ନାହିଁ। ମୁଁ ଦେଖାଇବାକୁ ଚାହେଁ, ମୋ ରାଜ୍ୟର ପ୍ରତ୍ୟେକ ନାଗରିକ ମୁଣ୍ଡ ଗୁଞ୍ଜିବା ପାଇଁ ସୁନ୍ଦର ଛାତ ଛପର ପାଇବ, ପ୍ରତ୍ୟେକ ପରିବାର ପାନୀୟ ଜଳ ପାଇବ ଏବଂ ସବୁ ଋତୁରେ ସେ ନିରାପଦରେ ରହିପାରିବ। ସବୁଦିନିଆ ରାସ୍ତା ଓ ସେତୁ ଗମନାଗମନର ଅସୁବିଧା ଦୂର କରିବ। ବିଦ୍ୟାଳୟଗୁଡ଼ିକ ସୁଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ। ଡାକ୍ତରଖାନା ଗୁଡ଼ିକରେ ଯଥା ସଂଖ୍ୟକ ଅଭିଜ୍ଞ ଚିକିତ୍ସିତ ରହିବେ। ମୋ ରାଜ୍ୟର ପ୍ରତିଟି ଗଳି-କନ୍ଦିରେ ପ୍ରକୃଷ୍ଟ ସ୍ୱାସ୍ଥ୍ୟ ସେବା, ସମୁଚିତ ଶିକ୍ଷା ବ୍ୟବସ୍ଥା, ଟେଲିଫୋନ୍, ଇଲେକ୍‌ଟ୍ରୋନିକ୍ସ ଭଳି ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବ। ଆଧୁନିକ ବିଜ୍ଞାନ ଯାହା ଦେଇଛି, ଜଣେ ସାଧାରଣ ଗ୍ରାମବାସୀ ମଧ୍ୟ ସେ ସବୁରୁ ବଞ୍ଚିତ ହେବ ନାହିଁ।

ପ୍ରକୃତି ଯେଉଁ ଖଣିଜ ସମ୍ପଦରେ ଆମକୁ ସମୃଦ୍ଧ କରିଛି, ବହୁ ବର୍ଷ ପର୍ଯ୍ୟନ୍ତ ଅନେକ ବଡ଼ ଶିଳ୍ପକୁ ତାହା ପୁଷ୍ଟ କରିପାରିବ। ତାହା ଇସ୍ପାତ ହେଉ କି କୋଇଲାରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉ। ଆଲୁମିନିୟମ୍ ହେଉ ବା ତୈଳ ଶୋଧନାଗାର ହେଉ, ପେଟ୍ରୋକେମିକାଲ୍ ହେଉ - ଏ ସବୁ ଆମର ଉତ୍ପାଦନ ଧାରା ପ୍ରବର୍ତ୍ତିତ କରିବ। ଆମ ରାଜ୍ୟକୁ ଆମେ ବିଶ୍ୱର ସବୁ ଦେଶର ଲୋକଙ୍କ ପାଇଁ ଆକର୍ଷଣୀୟ କରିପାରିବା । ଆଜିର ଭାରତରେ ସାମାଜିକ ସମନ୍ୱୟ ନାହିଁ, ଧର୍ମୀୟ ସହନଶୀଳତା ନାହିଁ, ସାମ୍ପ୍ରଦାୟିକ ସମ୍ପ୍ରୀତି ନାହିଁ। ସତକଥା ଯେ, ଏପରି ବିଭାଜନ ଆମକୁ ସମୃଦ୍ଧ କରିପାରିବ ନାହିଁ। ମୋ ସ୍ୱପ୍ନର ଓଡ଼ିଶାରେ ସମନ୍ୱୟ , ପ୍ରଶସ୍ତ ମନୋଭାବ ଅଧିକ ମହନୀୟ ସହିଷ୍ଣୁତା ଚତୁର୍ଦ୍ଦିଗରେ ଧରି ରହୁ। ପଡ଼ୋଶୀ, ପଡ଼ୋଶୀ ମଧ୍ୟରେ ଭାତୃଭାବ ରହୁ।

ଉପସଂହାରରେ ମୁଁ ବହୁ ଦିନ ତଳେ ମେକ୍‌ସମୁଲାର୍ କହିଥିବା ବାକ୍ୟ ଉଦ୍ଧାର କରୁଛି - If I have to look after the whole world to find out the country that nature has bestowed its best, I would point to India" ମୁଁ ଯଦି ସମଗ୍ର ପୃଥିବୀ ଉପରେ ଦୃଷ୍ଟିପାତ କରେ, ପ୍ରକୃତି କେଉଁ ଦେଶକୁ ଶ୍ରେଷ୍ଠ ରୂପେ ଗଢ଼ିଛି ବୋଲି ଅନୁସନ୍ଧାନ କରେ, ମୁଁ ଆଙ୍ଗୁଠି ନିର୍ଦ୍ଦେଶ କରି ଦେଖାଇବି ଭାରତବର୍ଷକୁ।" ଆମେ ସମସ୍ତେ ଆମ ରାଜ୍ୟକୁ ମିଳିମିଶି ଏପରି ଗଢ଼ିବା ଯେ ସମଗ୍ର ପୃଥିବୀ ଦିନେ କହିବ "ଓଡ଼ିଶା ଆମ ସ୍ୱପ୍ନର ରାଜ୍ୟ।" ।

ବିଜୁବାବୁ ଆଜି ନାହାନ୍ତି। ତାଙ୍କ ଓଡ଼ିଶା ଅଛି ଅଥଚ ତାଙ୍କ ସ୍ୱପ୍ନର ଓଡ଼ିଶା ଏବେ ସ୍ୱପ୍ନରେ ରହିଯାଇଛି। ତାଙ୍କର ଦାୟାଦ ଏବଂ ତାଙ୍କୁ ଈର୍ଷା କରୁଥିବା ବିରୋଧୀ ମାନେ, ତାଙ୍କୁ ଭଲ ପାଉଥିବା ଓଡ଼ିଶା ମାଟିର ଅଧିବାସୀମାନେ , ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ତାଙ୍କ ନାଁ ନେଇ ଏଠି ବାହାସ୍ଫୋଟ ମାରୁଥିବା ନେତୃବର୍ଗ, ଯିଏ ତାଙ୍କୁ ଯେମିତି ଜାଣନ୍ତି ଏବଂ ତାଙ୍କ ସଂପର୍କରେ କୁହନ୍ତି ତଥା ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟିତ ଅଛନ୍ତି, ସେଇ ମାନଙ୍କୁ ଆମର ପ୍ରଶ୍ନ ସେମାନେ ତାଙ୍କ ଅନ୍ତରରୁ କୁହନ୍ତୁ ସତରେ କ'ଣ ସେମାନେ ବିଜୁ ବାବୁଙ୍କ ଆଦର୍ଶର ଅନୁପ୍ରାଣିତ ଏବଂ ଅନୁଗାମୀ ! ନ'। ତାଙ୍କ ନାମକୁ ସମ୍ବଳ କରି ଏ ଓଡ଼ିଶାକୁ ଶୋଷଣ କରି କେବଳ ବଂଚିବାର ସ୍ୱପ୍ନ ଦେଖନ୍ତି ।

+ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୧୩୮

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତ୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା ।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।

କଟକ ରେଭେନ୍ସା କଲେରେ ଓୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି ।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା ।

(କ୍ରମଶଃ)

ପାରାଦ୍ୱୀପଗଡ,
ଜିଲ୍ଲା-ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

## କବିତା କୋଣାର୍କ

## ଅଭୁଲା ଅପରାହ୍ନ...

ସୁଧାକର ରାଉତ

ଜୀବନର ଏଇ ଅଙ୍କାବଙ୍କା ପଥେ
ସାଥୀ ହୋଇ ଚାଲିବାକୁ
ପ୍ରତିଶ୍ରୁତି ଦେଇ ପ୍ରତାରଣା କଲ
ମନଟା ଦେଲ କାହାକୁ।

ଶରୀରର ସ୍ପର୍ଶ ଏବେ ରୋମାଂଚିତ
କରେ ମୋର ତନୁ ମନ
ସମୟର ସେହି ବେଳାଭୂମିକ ବୁକେ
ଅଭୁଲା ଅଛି ସେ ଚିହ୍ନ।

ତାର ସ୍ମୃତି ମୋର ବଂଚିବା ପାଥେୟ
ମୋର ଏକ ମାତ୍ର ସାହା
ହାହତୋସ୍ମିର ଦୀର୍ଘଶ୍ୱାସ ବେଳେ
ସେହି ଏକା କହେ ଆହା।

ତୁମ ଭାବନାରୁ ପରାହତ କରି
ସେ ସ୍ମୃତିକୁ ବଧୁବେଶେ
ସଜାଇ ରଖିଛି ମୋର ପାଶେ ପାଶେ
କେତେ ଗଭୀର ଆଶ୍ଳେଷେ।

ଉଲ୍ଲସିତ ମନେ ଏ ଅପରାହ୍ନରେ
ତାକୁ କରି ମୋର ପ୍ରାଣ
ବଂଚିଛି ଏବେ ବି, ଛଡ଼ାଇ ନେବନି
ତୁମକୁ ରହିଲା ରାଣ।

ପ୍ରତାପ ନଗର, କଟକ
ମୋ:୮୨୪୯୯୩୨୭୯୨

## କବିତା କୋଣାର୍କ

## ବସନ୍ତ ଏମିତି ଏଣିକି...

ବିନୟ ଭୂଷଣ ପାଣିଗ୍ରାହୀ



ତମେ କହିଲ,'ବସନ୍ତ ଆଇଲା'
ମୁଁ ଚାହିଁଲି ବାହାରକୁ
ସନ୍ତୁଳି ହେଉଥିଲା ବାସନ୍ତୀ
ଧୁ ଧୁ ଖରାରେ,
ରାଉରାଉ ହେଉଥିଲେ କାଉ,
ଦୂରଦର୍ଶନ ପରଦାରେ
ଜଳୁଥିବା ଜଙ୍ଗଲର ନିଆଁ
ଗିଳୁଥିଲା କୋଇଲି ବସାକୁ,
ଘାଇଁ ଘାଇଁ ବୁଲୁଥିଲା ପଙ୍ଖା
ତଥାପି ଗଣ୍ଡଦେଶରେ ତୁମ
ଟଳମଳ ହେଉଥିଲେ
ସ୍ୱେଦବିନ୍ଦୁ ମାନେ,
ମୁଁ କହିଲି,'କହିବକି ପ୍ରିୟେ
ବସନ୍ତରେ କୋଇଲି କାହିଁକି ଗାଏ?
ଝଡାପତ୍ରମାନେ କିଆଁ
ଅସ୍ଥିର ହୁଅନ୍ତି ଏମିତି
ଯେମିତି ନିଜର ଆସୁଛି କିଏ?
ମୃଦୁମନ୍ଦ ପବନେ ସଂଚରେ
ବିଚିତ୍ର କେମିତି ବିଜୁଳି ସିଏ
ଛୁଇଁଦେଲେ ପଥରକୁ ଯାହା
ତା'ଦେହରେ ଖେଳେ ଶିହରଣ?
ଆନମନା ହେଇକି କହିଲ,
'କେମିତି କହିବି ତୁମକୁ
ଆସିବନି ଆଉ ସେଇ ଋତୁ
ଯେ ଆସିଲେ ଏସବୁ ପ୍ରଶ୍ନର ଉତ୍ତର
ଖୋଜିବାକୁ ପଡେନାହିଁ;
ସ୍ୱତଃ ମିଳିଯାଏ।'
ସତରେ,ବସନ୍ତ ଏମିତି ଏଣିକି
ଆସିବ ଆସିବ ହେଇ
କେମିତି କେଜାଣି
ଠିକଣା ଘଡିରେ
ଆସିବାର ବାଟ ଭୁଲିଯାଏ।

+ହରସିଂହପୁର,ପୀରହାଟ ବଜାର
ଭଦ୍ରକ -୭୫୬୧୩୧
ମୋ: ୯୯୩୭୫୪୮୪୩୧

## ମନ ଚାହେଁ ...

ସଂଜୀବ କୁମାର ଦାଶ



ଯେତେ ଦେଖିଲେ ବି
ଥକେନା ତ ଆଖି,
ଅନ୍ତହୀନ ଗଗନେ ସେ
ଖୋଜେ ମୃଗତୃଷ୍ଣା,
କେତେ ଶୁଣି ବି କାନ,
ପଡ଼େନା ବଧିରା
ଗପପେଡି ଖୋଲି ଅବା
ସଂଗୀତ ମୂର୍ଚ୍ଛନା।

ଲାଳସାର ଉଡାଣଭରି ସେ ଭଅଁର
ଉଡ଼ିବୁଲେ ଏ ଫୁଲ ରୁ ସେ ଫୁଲ
ତୃପ୍ତି ତ ଭରେନା,
ଅଶାନ୍ତି ବି ମରେନା।

ଅବୋଧ ଶିଶୁଟେ
ଜହ୍ନ ମାଗେ ମା'କୁ,
ଆଉ ମନ! ସବୁ ନଥିଲା ଦରବ,
ପାରିଜାତ, କେବେ
ପକ୍ଷୀରାଜ ଘୋଡା,
ସରଗ ପରୀ ପୁଣି
ଖୋଜେ ମତ୍ସ୍ୟକନ୍ୟା।

ଧନ୍ୟରେ ମନ, କେବେ ସୃଜେ ଶବ୍ଦ,
ବିଚିତ୍ର ବିଷମ ଅକ୍ଷରମାଳାରୁ,
ଅଶ୍ରୁତ ବି ଘଟିଚାଲେ,ଚାହିଁବାର
ଫେଣ୍ଟାଫେଣ୍ଟି ବନ୍ଧନୀ ଭିତରୁ।

+ପ୍ରାଧ୍ୟାପକ, ପଦାର୍ଥବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ ୯୪୩୭୭୩୯୫୭୭





# ଅଚଳ ଚଳଚ୍ଚିତ୍ର ଜଗତ

ଦିଲ୍ଲୀପ ହାଲି

ଓଡ଼ିଆ ଚଳଚ୍ଚିତ୍ରର ଅବସ୍ଥା ସଂଗୀନ ଆଡ଼କୁ ଗତି କରୁଛି। କେବଳ ଟିଭି ଚ୍ୟାନେଲମାନେ ନିଜ ନିଜର ଚଳଚ୍ଚିତ୍ର ମାଧ୍ୟମରେ ହୋ-ହାଲ୍ଲା ଜାରି ରଖିଛନ୍ତି।

ଅଚଳ ଅବସ୍ଥା ପାଇଁ ଆମେ ନିଜକୁ ପ୍ରଥମରୁ ଦାୟୀ କରିନେବା ଠିକ୍ ହେବ। ଅନେକ ପ୍ରଯୋଜକ ଅଛନ୍ତି ଯେଉଁମାନେ କି ଚଳଚ୍ଚିତ୍ରକୁ ବ୍ୟବସାୟ ନ ଭାବି ଫୂର୍ତ୍ତି କରିବା ଉଦ୍ଦେଶ୍ୟରେ ଆସନ୍ତି, ଆଉ କେହି କେହି ଅନ୍ୟାନ୍ୟ ବ୍ୟବସାୟୀରୁ ଅର୍ଥ ବିନିଯୋଗକରି ଜଣେ ପ୍ରଯୋଜକ ଭାବେ ସମାଜରେ ପ୍ରତିଷ୍ଠିତ ହେବା ଲକ୍ଷ୍ୟ ନେଇ କାର୍ଯ୍ୟ କରନ୍ତି। ଖୁବ୍ କ୍ୱିଚିତ୍ ପ୍ରଯୋଜକ ସଂସ୍ଥା ଅଛି ଯେଉଁମାନଙ୍କ ଚଳଚ୍ଚିତ୍ର କରିବାକୁ ପେଷାଦାର ଭାବେ ନେଇ ସେମାନେ ମଇଦାନରେ ରୁହନ୍ତି। ପ୍ରଯୋଜକ ବସନ୍ତ ନାୟକ, ଅମୀୟ ପଟ୍ଟନାୟକ, କେଶବ ରାଉତ, ବାସୁଦେବ ତ୍ରିପାଠୀ, ସୁବାଷ ରାଉତ, ବିରଂଚି ମିଶ୍ର ଓ ଫେଲୁ ପଟ୍ଟନାୟକ ଅନ୍ୟତମ।

ଉପରୋକ୍ତ ପ୍ରଯୋଜକମାନେ ଯାହା କରନ୍ତି ପ୍ରଯୋଜନା କ୍ଷେତ୍ରରେ ସେ ଦିଗରେ ଅନେକ କଳାକାର, ଟେକ୍ନିସିଆନମାନେ ଉପକୃତ ହୁଅନ୍ତି। ବୁଝାମଣା ଭିତ୍ତିରେ ପ୍ରଯୋଜକମାନେ କାର୍ଯ୍ୟ କରିଥିଲେ ପ୍ରଯୋଜନାଗତ କ୍ଷତି ହୁଅନ୍ତା ନାହିଁ। ପରସ୍ପର ପରସ୍ପରଙ୍କ ମଧ୍ୟରେ ଅହଂଭାବରୁ ହିଁ ପ୍ରଯୋଜନାରେ କୌଣସି ନା କୌଣସି କ୍ଷେତ୍ରରେ କ୍ଷତି ପହଂଚାଇଛି। ସମନ୍ୱୟ ରକ୍ଷାକରି ପ୍ରଯୋଜନା କ୍ଷେତ୍ରରେ ଆରମ୍ଭରୁ ଶୃଙ୍ଖଳିତ ହୋଇଥିଲେ ଓଡ଼ିଆ ଚଳଚ୍ଚିତ୍ର ଗୁଡ଼ିକୁ ପରବର୍ତ୍ତୀ ପୀଢ଼ିମାନେ ସଠିକ୍ ମାର୍ଗରେ ପରିଚାଳନାରେ ପରିଚାଳିତ ହୋଇଥାନ୍ତେ। ଏବେ ବି ବିତରଣ ବ୍ୟବସ୍ଥାରେ ସଂକୀର୍ଣ୍ଣତା ଓ ମିଥ୍ୟା ପ୍ରତିଶ୍ରୁତିପୂର୍ଣ୍ଣ ମଧ୍ୟରେ ବିତରକମାନେ କାର୍ଯ୍ୟରତ। ପ୍ରଥମେ ଚଳଚ୍ଚିତ୍ରଟିକୁ ବିତରକ ନେବା ବେଳେ ପ୍ରଯୋଜକଙ୍କୁ ସଫଳତାରା ବାଣୀ ବଖାଣି ପରେ ହତ୍ୟା ଷଡ଼ଯନ୍ତ୍ର କରିବା ଏହା କେବଳ ବିତରକମାନେ କ୍ଷେତ୍ରରେ ପରିଲକ୍ଷିତ ହୁଏ। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଦାୟିତ୍ୱବୋଧ ଓ ବିଶ୍ୱାସଜନକ ବିତରକ ନଥିବା ହେତୁ ପ୍ରତିଟି ପ୍ରଯୋଜକ କ୍ଷତି ସହି ଚଳଚ୍ଚିତ୍ର ଦୁନିଆରୁ ଗୋଟାକ ପରେ ଗୋଟିଏ ଅବସର ନେଉଛନ୍ତି।

ନୂଆ ଓଡ଼ିଆ ଚଳଚ୍ଚିତ୍ର ପ୍ରେକ୍ଷାଳୟମାନଙ୍କରୁ ଅକସ୍ମାତ ଆସି ଅଚାନକ ଚାଲିଯିବା ଏହା ପ୍ରଯୋଜନା ପାଇଁ ଶୁଭଖବର ନୁହେଁ। ପ୍ରେକ୍ଷାଳୟ କମି କମି ଯାଉଥିବା ବେଳେ ୭୦ଟି ପ୍ରେକ୍ଷାଳୟ ମଧ୍ୟରୁ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଯୋଜନା ପାଇଁ ବିନିଯୋଗ କରିବା ଏହା ଦୂରଦୃଷ୍ଟି ବିହୀନ ଦୃଷ୍ଟିଭଙ୍ଗୀ ବୋଲି ବିବେଚନା କରାଯିବ। ଅଳ୍ପ ବ୍ୟୟରେ ଚଳଚ୍ଚିତ୍ର ବ୍ୟବସାୟ ନିମନ୍ତେ କେବଳ ଟିଭି ଚ୍ୟାନେଲ ଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ପରିସ୍ଥିତି ପାଇଁ ଚଳଚ୍ଚିତ୍ର ନିଗମ ଥାଇ ମଧ୍ୟ ଅଚଳାବସ୍ଥା। ପ୍ରଯୋଜକ କିମ୍ବା ପ୍ରେକ୍ଷାଳୟ ମାଲିକମାନଙ୍କ ଲାଗି ନିଗମର କିଛି ଦାୟିତ୍ୱବୋଧ ନାହିଁ। ମହାବାତ୍ୟା, ଫନୀ ଓ କୋଭିଡ ମହାମାରୀ ପରେ ମଧ୍ୟ ନିଗମ ଯଦି ପ୍ରେକ୍ଷାଳୟର ପୁନରୁଦ୍ଧାର ପାଇଁ ଅର୍ଥ ମଂଜୁର କରିଥାନ୍ତେ, ତେବେ ବହୁ ପ୍ରେକ୍ଷାଳୟ ମାଲିକ ନିଗମରୁ ଠିକ୍ ସମୟରେ ଋଣରେ ଅର୍ଥ କାର୍ଯ୍ୟରେ ଲଗାଇ ପରିଶୋଧ କରିପାରିଥାନ୍ତେ।

ସେହିପରି ପ୍ରଯୋଜକମାନଙ୍କୁ ଅର୍ଥ ଋଣ ଆକାରରେ ଦେଇଥିଲେ ଚଳଚ୍ଚିତ୍ରର ସମୃଦ୍ଧି କରିବାର ସହାୟକ ହୋଇଥାନ୍ତା। ଓଡ଼ିଆ ଚଳଚ୍ଚିତ୍ରର ସଂଗୀତ ପରିସ୍ଥିତି କେବେ ସୁଧୁରିବ ତାହା ସମୟ ହିଁ କହିବ। ଆମେ କେବଳ ବର୍ଷକୁ ବର୍ଷ ତାଲିକା ଦେଇ ସଂଖ୍ୟା ମାଧ୍ୟମରେ ଆଗ ଓ ପୂର୍ବ ବର୍ଷର ତାଲିକା ଅନୁପାତ ଦେଖି ସମୀକ୍ଷା ଆଉ କେତେଦିନ। ଆମ ଚଳଚ୍ଚିତ୍ର ଶିଳ୍ପର ଅବସ୍ଥା ସମ୍ପର୍କରେ ଉଚ୍ଚସ୍ତରୀୟ ଆଲୋଚନାର ଆବଶ୍ୟକତା ରହିଛି। ପଦବୀ ମୋହର ସଠିକ୍ କଥା ସରକାରଙ୍କ ପାଖରେ ଉପସ୍ଥାପିତ ନକରିବା ଯୋଗୁଁ ଆମେ ଦିଗହରା ହୋଇ ବୁଲୁଛୁ। କେବଳ ଭିନ୍ନ ଭିନ୍ନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ ବାହାସ୍ଫଟ କଥା କହି ନିଜର ଅସ୍ତିତ୍ୱ ବଂଚାଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ୭୧ ବର୍ଷର ପରିପକ୍ୱତା ଥିବା ଚଳଚ୍ଚିତ୍ର ଜଗତ କେବଳ ପ୍ରଯୋଜକମାନଙ୍କ ଚିତ୍ର ନିଶା ଯୋଗୁ ବର୍ଷକୁ ବର୍ଷ କିଛି ଚଳଚ୍ଚିତ୍ର ଦର୍ଶକ ଦର୍ଶନ କରୁଛନ୍ତି। ଲାଭ ଅପେକ୍ଷା କ୍ଷତି ଅଧିକ। ସେଇ କ୍ଷତାକ୍ତ ଅବସ୍ଥାକୁ ସମ୍ଭାଳି ନେଇ ପ୍ରଯୋଜନାର ଛାପ ଧରି ନିଜ ନିଜର ଅପରିପକ୍ୱତାର ପରିଚୟ ବଖାଣିବା ସାର୍ ହେଉଛି। ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ଉଦ୍ୟମ ପାଇଁ ପ୍ରଯୋଜକ, ଟେକ୍ନିସିଆନ ଓ କଳାକାରମାନେ ଏକତ୍ର ହେବା ଜରୁରୀ ହୋଇପଡ଼ିଛି। ଶିଳ୍ପ ବିଭାଗ ପକ୍ଷରୁ ଯଦି ବିଧିବଦ୍ଧ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ନୀତିଗତ ନିଷ୍ପତ୍ତି ପ୍ରକାଶ ନପାଏ, ତେବେ ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ପରିସ୍ଥିତି ସେଭଳି ଲାଗି ରହିବ। କେବଳ ଚଳଚ୍ଚିତ୍ର ରିଲିଜ ଦିନ ନାମ ପଢ଼ି ସଂଖ୍ୟା ଗଣିବା ସାର ହେବ। ଭଲ ସିନେମା ଆଉ ଶୁଭମୁକ୍ତି ହେବ, ଏ ଆଶା ନିରର୍ଥକ।


+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮


# ଚାଷୀ ଆନ୍ଦୋଳନକୁ ନେଇ ତିଆରି ହେବ ଚଳଚ୍ଚିତ୍ର!



ନୂତନ କୃଷି ଆଇନକୁ ନେଇ ରାଜଧାନୀ ଦିଲ୍ଲୀରେ ଏବେ ଘମାଘୋଟ କୃଷକ ଆନ୍ଦୋଳନ ଚାଲିଛି। ତେବେ ଏହା ଉପରେ ବି-ଟାଉନ୍‌ର ଚଳଚ୍ଚିତ୍ର ନିର୍ମାତା ରାକେଶ ଓମ୍‌ପ୍ରକାଶ ମେହେରା ଚଳଚ୍ଚିତ୍ର କରିବାକୁ ଯୋଜନା କରୁଥିବା ଖବର ମିଳିଛି। ଚଳଚ୍ଚିତ୍ରର ସଂଳାପ ଲେଖିବା ଦାୟିତ୍ୱ ଲେଖକ କମଳେଶ ପାଣ୍ଡେ ତୁଲାଇବେ। ଏନେଇ କମଳେଶ କହିଛନ୍ତି, ମୁଁ ଓ ରାକେଶ ପୂର୍ବରୁ ଅନେକ ଚଳଚ୍ଚିତ୍ରରେ ଏକାଠି କାମ କରି ସାରିଛୁ। ଚଳଚ୍ଚିତ୍ରର ସଂଳାପକୁ ନେଇ ମୁଁ ଚାରି ବର୍ଷ ହେଲା ତାଙ୍କ ସହ କାମ କରୁଛି। ଏଥିରେ କୃଷକଙ୍କ ଆନ୍ଦୋଳନଠୁ ଆରମ୍ଭ କରି ସେମାନଙ୍କ ଦୈନନ୍ଦିନ ଜୀବନର ସମସ୍ୟା ଚିତ୍ରିତ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, 'ରଙ୍ଗ ଦେ ବସନ୍ତି' ଓ 'ଭାଗ୍ ମିଲ୍‌ଖା ଭାଗ୍' ଭଳି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇ ବଲିଉଡ୍‌ରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି ଓମ୍‌ପ୍ରକାଶ।

# ଖୁବ୍ ଶୀଘ୍ର ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି 'ସର୍ଦ୍ଦାର କା ଗ୍ରାଣ୍ଡ୍‌ସନ୍'





ଖୁବ୍ ଶୀଘ୍ର ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି ଅଭିନେତା ଅର୍ଜୁନ କପୁର ଓ ଅଭିନେତ୍ରୀ ରାକୁଲ ପ୍ରୀତ ସିଂହ ଅଭିନୀତ ଚଳଚ୍ଚିତ୍ର 'ସର୍ଦାର କା ଗ୍ରାଣ୍ଡ୍‌ସନ୍'। ଏଯାବତ୍ ରିଲିଜ୍ ତାରିଖ ଘୋଷଣା ହୋଇନଥିଲେ ବି ଚଳଚ୍ଚିତ୍ରଟି ରିଲିଜ୍ ପାଇଁ ପୂରାପୂରି ପ୍ରସ୍ତୁତ ହୋଇ ସାରିଲାଣି ବୋଲି ସୂଚନା ରହିଛି। ଏହି ଚଳଚ୍ଚିତ୍ରରେ ଲୋକପ୍ରିୟ ଅଭିନେତ୍ରୀ ନୀନା ଗୁପ୍ତାଙ୍କୁ ମଧ ଦେଖିବାକୁ ମିଳିବ ବୋଲି ସୂଚନା ରହିଛି। ଚଳଚ୍ଚିତ୍ରଟିକୁ ନିର୍ଦ୍ଦେଶନା ଦେଇଛନ୍ତି କାସ୍‌ଭି ନୟାର ଏବଂ ଏହାର ପ୍ରଯୋଜକମାନେ ହେଉଛନ୍ତି ଭୂଷଣ କୁମାର, ଜନ୍ ଆବ୍ରାହମ୍, ନିଖିଲ୍ ଆଡଭାନି, ମଧୁ ଭୋଜୱାନି, କ୍ରିଷ୍ଣା କୁମାର ଏବଂ ମନୀଷା ଆଡଭାନି। ଏହି ଚଳଚ୍ଚିତ୍ରର ସୁଟିଂ ସମୟର କିଛି ଫଟୋକୁ ନିଜ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି ଅର୍ଜୁନ କପୁର ଓ ରାକୁଲ ପ୍ରୀତ। ଅର୍ଜୁନ ତାଙ୍କ ଇନ୍‌ଷ୍ଟା ପୋଷ୍ଟରେ ଲେଖିଛନ୍ତି କି ଫିଲ୍ମଟିକୁ ଦେଖିବା ପାଇଁ ଆପଣ ନିଜ ନିଜ ବାପା ଓ ଜେଜେବାପାଙ୍କୁ ପ୍ରସ୍ତୁତ କରାନ୍ତୁ। 'ସର୍ଦାର କା ଗ୍ରାଣ୍ଡ୍‌ସନ୍' ଖୁବ୍ ଶୀଘ୍ର ଆସିବାକୁ ଯାଉଛି।

# କଙ୍ଗନାଙ୍କ ବିରୋଧରେ ୱାରେଣ୍ଟ

ବଢ଼ିଲା ବଲିଉଡ କୁଇନ୍ କଙ୍ଗନଙ୍କ ଅଡୁଆ। ତାଙ୍କ ବିରୋଧରେ ଜାରି ହେଲେ ୱାରେଣ୍ଟ। ଗୀତିକାର ଜାଭେଦ ଅଖତର ଦ୍ୱାରା ଦାଖଲ ହୋଇଥିବା ମାନହାନୀ ମାମଲାରେ କଙ୍ଗନାଙ୍କ ବିରୋଧରେ ଏହି ୱାରେଣ୍ଟ ଜାରି ହୋଇଛି। ହାଜର ନ ହେବା ଯୋଗୁଁ କଙ୍ଗନାଙ୍କ ବିରୋଧରେ ମୁମ୍ବାଇ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟ ଏହି ୱାରେଣ୍ଟ ଜାରି କରିଛନ୍ତି।

ପ୍ରକୃତରେ, ମୁମ୍ବାଇ ପୁଲିସ, ବଲିଉଡର ପ୍ରସିଦ୍ଧ ଗୀତିକାର ଜାଭେଦ ଅଖତରଙ୍କ ଦ୍ୱାରା ଦାଖଲ ହୋଇଥିବା ମାନହାନୀ ମାମଲାରେ ଅଭିନେତ୍ରୀ କଙ୍ଗନା ରାନାୱତଙ୍କୁ ମାର୍ଚ୍ଚ ୧ ତାରିଖ ତଥା ଆଜି ଡକାଇଥିଲେ। କିନ୍ତୁ କଙ୍ଗନା ହାଜର ହୋଇନଥିଲେ। ଏଥିପାଇଁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



# ସାମ୍ନାରେ ଯିଏ ବି ଥାଉ, ମୁଁ ମାରିଦେବି



'ମୋ ସାମ୍ନାରେ ଯିଏ ବି ଥାଉ, ମୁଁ ତ ବାସ୍ ମାରିଦେ... ନିକଟରେ ରିଲିଜ ହୋଇଥିବା ବହୁ ପ୍ରତି... ବାୟୋପିକ ଫିଲ୍ମ 'ସାଇନା'ର ଟିଜରରେ କି... ଏଭଳି ଡାଏଲଗ ଶୁଣିବାକୁ ମିଳିଛି। ଫିଲ୍ମ... ପରିଣିତି ଚୋପ୍ରା ମୁଖ୍ୟ ଭୂମିକାରେ ଅଛନ୍ତି... ଟିଜରରେ ପରିଣିତିଙ୍କୁ ପୁରାପୁରି ଭାରତୀୟ... ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହୱାଲ... ଲୁକରେ ଦେଖିବାକୁ ମିଳିଛି।

ଅମୋଲ ଗୁପ୍ତାଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମ... ପରିଣିତଙ୍କ ବ୍ୟତୀତ ମାନ କୌଲ ମଧ ନଜର ଆ... ଏଥିରେ ମାନବଙ୍କୁ ସାଇନାଙ୍କ କୋଚ୍ ପୁଲେଲା ଗୋ... ଚରିତ୍ରରେ ଦେଖିବାକୁ ମିଳିବ । ଏଥସହ ପରେଶ ର... ମଧ ମୁଖ୍ୟ ଭୂମିକାରେ ନଜର ଆସିବେ। ନିର୍ମାତା ଭୂ... କୁମାରଙ୍କ ଏହି ବାୟୋପିକ ଫିଲ୍ମଟି ଆସନ୍ତା ମା... ୨୬ରେ ପରଦାକୁ ଆସିବ। ପୂର୍ବରୁ ଫିଲ୍ମର ରିଲିଜ ଡେଟକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ମାର୍ଚ୍ଚ ୨୬ରେ ନା ଏପ୍ରିଲ ୯ରେ ରିଲିଜ ହେବ ତାହା ସ୍ପଷ୍ଟ ହୋଇନଥିଲା। କିନ୍ତୁ ଟିଜର ରିଲିଜ ହେବା ପରେ ଫିଲ୍ମର ରିଲିଜ ତାରିଖକୁ ମଧ ଅଫିସିଆଲି ଘୋଷଣା କରାଯାଇଛି।

# 'ଦମ୍ ଲଗା କେ ହେଇସା' ପାଇଁ ୨୭ କେଜି ଓଜନ ବଢ଼ାଇଥିଲେ ଭୂମି

ବି' ଟାଉନ୍‌ର ଅନ୍ୟତମ ଚର୍ଚ୍ଚିତ ନାୟିକା ଭୂମି ପେଡ୍‌ନେକର ୬ ବର୍ଷ ତଳେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ଚଳଚ୍ଚିତ୍ର 'ଦମ୍ ଲଗା କେ ହୈସା' ଅଭିନୟ କରିବାକୁ ସେ ୨୭କେଜି ଓଜନ ବଢ଼ାଇଥିଲେ। ଏହି ଚଳଚ୍ଚିତ୍ରର ସୁଟିଂ ହରିଦ୍ୱାରରେ ହୋଇଥିଲା। ନିକଟରେ ସେ ହରିଦ୍ୱାରର ଗଙ୍ଗା ନଦୀ କୂଳକୁ ବୁଲିବାକୁ ଯାଇଥିବା ବେଳେ ତାଙ୍କ ପ୍ରଥମ ଚଳଚ୍ଚିତ୍ରର କିଛି ସ୍ମରଣୀୟ ମୁହୂର୍ତ୍ତ ଉପରେ ଭିଡିଓ କରି ଏହାକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ଭୂମିଙ୍କ ପ୍ରଶଂସକମାନେ ମଧ ଭୂମିଙ୍କର ଏହି ଭାବବିହ୍ୱଳପୂର୍ଣ୍ଣ ଭିଡିଓ ଦେଖି ତାଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରରେ ଭୂମିଙ୍କ ସହ ଆୟୁଷ୍ମାନ ଖୁରାନା ଅଭିନୟ କରିଥିଲେ। ଚଳଚ୍ଚିତ୍ରର ସଂଳାପ ଅନୁଯାୟୀ, ମହିଳା ଭୂମିକାର ଅଭିନୟ କରିବାକୁ ଥିବା ଅଭିନେତ୍ରୀଙ୍କର ଓଜନ ଅଧିକ ହେବା ଦରକାର ବୋଲି ସୂଚାଯାଇଥିଲା। ତେବେ ଭୂମି ଏହି ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁନଥିଲେ। ସେଥିପାଇଁ ସେ ଶରୀରର ଓଜନ ବଢ଼ାଇଥିଲେ।



# ପୁଅ ଜନ୍ମ ପରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଲେ ବେବୋ

ପୁଣି ଥରେ ସୋଶାଲ ମିଡିଆରେ ଆକ୍ଟିଭ ହେଲେ ବଲିଉଡର ବେବୋ। ଦ୍ୱିତୀୟ ପୁଅ ଜନ୍ମ ପରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଲେ କରୀନା କପୁର। ସାନ ପୁଅର ଜନ୍ମ ପରେ ନିଜର ପ୍ରଥମ ଫଟୋକୁ ସେ ଇନଷ୍ଟାଗ୍ରାମରେ ସେଆର କରିଛନ୍ତି। କେବଳ ସେତିକି ନୁହେଁ ଏହି ଫଟୋକୁ ପୋଷ୍ଟ କରିବା ସହ ନିଜ ପ୍ରଶଂସକଙ୍କୁ ମିସ କରୁଥିବା ସେ କହିଛନ୍ତି। କରୀନାଙ୍କ ଏହି ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ କରୀନା କଳା ଚଷମା ଏବଂ ଏକ କ୍ୟାପ ପିନ୍ଧିଥିବା ନଜର ଆସିଛନ୍ତି। ଏହି ଫଟୋର କ୍ୟାପସନରେ କରୀନା ଲେଖିଛନ୍ତି 'ହେଲୋ... ମୁଁ ଆପଣ ସମସ୍ତଙ୍କୁ ବହୁତ ମିସ୍ କଲି...।' କରୀନାଙ୍କ ଏହି ଫଟୋକୁ ଏବେ ଏକ ଲକ୍ଷରୁ ଅଧିକ ଲାଇକ ମିଳିସାରିଲାଣି। ସୂଚନା ଯୋଗ୍ୟ ଯେ, ଗତ ମାସ ୨୧ ତାରିଖ ନିଜ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। କରୀନା ଏବଂ ସୈଫଙ୍କ ଏହା ଦ୍ୱିତୀୟ ସନ୍ତାନ। ପୂର୍ବରୁ କରୀନା ୨୦୧୬ରେ ବଡ ପୁଅ ତୈମୁରଙ୍କୁ ଜନ୍ମ ଦେଇଥିଲେ। ଗର୍ଭାବସ୍ଥା ସମୟରେ କରୀନା ସୋଶାଲ ମିଡିଆରେ ବେଶ ଆକ୍ଟିଭ ଥିଲେ। ସେ ନିଜ ଫିଟନେସକୁ ନେଇ ମଧ ସଚେତନ ଥିଲେ। କେବଳ ସେତିକି ନୁହେଁ ପ୍ରେଗନାଣ୍ଟ ଥିବା ସମୟରେ ତାଙ୍କୁ ଯୋଗ କରୁଥିବା ମଧ ଦେଖିବାକୁ ମିଳିଥିଲା। ଏଥିସହ ନିଜ କାମ ଉପରେ ମଧ ପୁରାପୁରି ଧ୍ୟାନ ଦେଇଥିଲେ କରୀନା। ସୂଚନାଯୋଗ୍ୟ ଯେ, ଆଗକୁ କରୀନା କପୁର ଫିଲ୍ମ 'ଲାଲ ସିଂହ ଚଡ୍ଢା'ରେ ନଜର ଆସିବେ । ଏହି ଫିଲ୍ମର ଲିଡ୍ ରୋଲରେ ଆମିର ଖାନ ଅଛନ୍ତି। ଗତ ଦୁଇ ବର୍ଷ ଧରି ଦର୍ଶକମାନେ ଏହି ଫିଲ୍ମକୁ ପ୍ରତିକ୍ଷା କରି ରହିଛନ୍ତି।



# ମୁଁ ଶାସ୍ତ୍ରୀୟ ସଙ୍ଗୀତକୁ ପାଏ: ଜ୍ୟୋତିରଂଜନ ଦାସ

ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ଯେଉଁ ଯୁବ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରି ନିଜର କର୍ମକ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ଯୁବ କଣ୍ଠଶିଳ୍ପୀ ଜ୍ୟୋତିରଂଜନ ଦାସ ଅନ୍ୟତମ। ଭଦ୍ରକ ଜିଲ୍ଲାର ବାସୁଦେବପୁର ସହର ନିକଟସ୍ଥ ପ୍ରବୋଧପୁର ଗ୍ରାମରେ ସେ ୧୯୯୦ ମସିହାରେ ଜନ୍ମଲାଭ କରନ୍ତି। ତାଙ୍କର ପିତା ବାଞ୍ଛାନିଧି ଦାସ ଓ ମାତା ସରସ୍ୱତୀ ଦାସ। ତାଙ୍କର ଭାଇ ରଶ୍ମିରଂଜନ ଦାସ ଓ ଭଉଣୀ ଦୌପଦୀ ଦାସ। ସପରିବାର ସମସ୍ତେ କଳା ସାହିତ୍ୟ ଓ ସଂସ୍କୃତିପ୍ରେମୀ ମଣିଷ। ସଙ୍ଗୀତ ସାଧନା କରିବାରେ ଜ୍ୟୋତି ସର୍ବଦା ସିଦ୍ଧହସ୍ତ। ପିଲାଟିବେଳୁ ସେ ସଂଗୀତ ଗାଇବା ଆରମ୍ଭ କରିଛନ୍ତି। ସୀତାଲୋ ଜଳୁଛି ଯାହାର ଚିତାଲୋ, ବ୍ରହ୍ମରୁ ଶୁଭୁଛି ଗୁଣ ଓମ୍ ସାଇନାଦ, ଶ୍ରାବଣରେ ଶ୍ରାବଣ ମେଘ ଆଣିଛି, ସ୍ମୃତି ଏକ ରୂପାଜହ୍ନ, ମହାପ୍ରସାଦ ଛୁଇଁ କହ ଚକାନୟନ ପ୍ରଭୃତି ଅନେକ ସୁନ୍ଦର ଓ ମନଛୁଆଁ ଗୀତକୁ ବଡ଼ ବଡ଼ ପେଣ୍ଡାଲରେ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଇଥାନ୍ତି ଜ୍ୟୋତି। ଏହି ଗୀତ ଗାଇ ସେ ଅନେକ ସ୍ଥାନରୁ ପୁରସ୍କାର ଲାଭ କରିଛନ୍ତି। ଆଗାମୀ ଦିନରେ ସେ ଓଡ଼ିଆ ସିନେମାରେ ଗୀତ ଗାଇବା ପାଇଁ ଆଶା ରଖିଛନ୍ତି। ଯଦି ଏ କ୍ଷେତ୍ରରେ ସୁଯୋଗ ମିଳେ ତେବେ ସେ ନିଶ୍ଚିତ ଗୀତ ଗାଇବେ। ଶାସ୍ତ୍ରୀୟ ସଂଗୀତ ସଂପର୍କରେ ସେ କୁହନ୍ତି ମୁଁ ଶାସ୍ତ୍ରୀୟ ସଂଗୀତକୁ ଖୁବ୍ ଭଲ ପାଏ। ଏହା ମୋର ପ୍ରଥମ ପସନ୍ଦ। ଜଣେ ଭଲ କଳାକାର ଓ ଭଲ ମଣିଷ ହୋଇ ପୃଥିବୀରେ ବଂଚିବା ପାଇଁ ତାଙ୍କର ଇଚ୍ଛା। ଜ୍ୟୋତି ବେଳେ ବେଳେ ସୁନ୍ଦର କବିତା ମଧ୍ୟ ଲେଖନ୍ତି। ସାହିତ୍ୟକୁ ସେ ଭଲ ପାଆନ୍ତି ଓ କବିତା ପାଠୋତ୍ସବ ହେଲେ ସେ ସମସ୍ତଙ୍କୁ କବିତା ପଢ଼ି ଶୁଣାନ୍ତି। ଏହା ବ୍ୟତୀତ ସେ ଚିତ୍ର ଆଙ୍କନ୍ତି ଓ ମାଟିରେ ବିଭିନ୍ନ ପ୍ରକାର ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ତିଆରି କରନ୍ତି। ଜ୍ୟୋତିଙ୍କର ଆଉ ଗୋଟେ ଭଲ ଅଭ୍ୟାସ ରହିଛି ତାହା ହେଲା ଗୀଟାର ବଜାଇବା। ଭଲ ଗୀଟାର ବଜାଇପାରନ୍ତି ଜ୍ୟୋତି। ଗ୍ରାଜୁଏସନ ଶେଷ କରିଛନ୍ତି ଶିକ୍ଷାକ୍ଷେତ୍ରରେ। ସଙ୍ଗୀତ ହିଁ ତାଙ୍କର ଜୀବନ, ଜୀବିକା ଓ ସବୁକିଛି। ଅନେକ ଦୁଃଖ କଷ୍ଟ ଓ ଯନ୍ତ୍ରଣା ମଧ୍ୟରେ ସେ ଆଗେଇ ଚାଲିଛନ୍ତି। ତାଙ୍କର ପିତାମାତାଙ୍କ ଆଶୀର୍ବାଦ ଓ ସାଙ୍ଗସାଥୀଙ୍କ ସହଯୋଗରେ ସେ ସଫଳତା ଲାଭ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହା ହିଁ ବାସନା।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡିଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧




# ଫେବୃୟାରୀ ସୁଦ୍ଧା ପୂର୍ବତଟ ରେଳପଥ ୧୮୩.୨୮ ନିୟୁତ ଟନ ପଣ୍ୟ ବୋଝେଇ

ଭୁବନେଶ୍ୱର ,୪।୩ (ନି.ପ୍ର): ପୂର୍ବ ତଟ ରେଳବାଇ ୨୦୨୦ ଏପ୍ରିଲ ମାସ ପହିଲା ଠାରୁ ୨୦୨୧ ଫେବୃୟାରୀ ମାସ ୨୮ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୮୩.୨୮ ନିୟୁତ ଟନ୍ ମାଲ ପରିବହନ କରି ଗତ ଆର୍ଥିକ ବର୍ଷର ଅନୁରୂପ ସମୟ ତୁଳନାରେ ପ୍ରାୟ ୧.୧୮ ନିୟୁତ ଟନ୍ ଅଧିକ ପରିବହନ କରି ପ୍ରାୟ ୦.୬% ଅଭିବୃଦ୍ଧି ପଞ୍ଜିକରଣ କରିପାରିଛି ।

କେବଳ ଫେବୃୟାରୀ, ୨୦୨୧ ରେ ପୂର୍ବତଟ ରେଳପଥ ପ୍ରାୟ ୧୮.୬୨ ନିୟୁତ ଟନ୍ ମାଲ ପରିବହନ କରିଛି ଯାହା ଗତ ବର୍ଷର ଅନୁରୂପ ସମୟ ଠାରୁ ୫.୪% ଅଭିବୃଦ୍ଧି ପଞ୍ଜିକରଣ କରିଛି । ଏହି ଲୋଡିଂ ଆକଳନ ହାସଲ କରିବାକୁ, ପୂର୍ବତଟ ରେଳପଥ ୨୦୨୧ ଫେବୃୟାରୀ ମାସରେ ଦୈନିକ ୧୦ ହଜାର ୧୬ ୱାଗନ୍ ବ୍ୟବହାର କରିଛି ଯାହାକି ଗତ ଆର୍ଥିକ ବର୍ଷର ଅନୁରୂପ ଅବଧି ମଧ୍ୟରେ ୯୧୩୨ ୱାଗନ୍ ବ୍ୟବହାର କରାଯାଇଥିଲା । ସେହିପରି, ଫେବୃଆରୀ ୨୦୨୧ ଶେଷ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଦୈନିକ ପ୍ରାୟ ୮୧୯୮ ୱାଗନ୍ ବ୍ୟବହାର କରିଛି ଏବଂ ପଣ୍ୟ ବୋଝେଇର ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ରେକ୍ ବୋଝେଇ କରିବାକୁ ଲକ୍ଷ୍ୟ ରଖିଛି ।

ଏହା ବ୍ୟତୀତ, ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ୨୦୨୧ ଫେବୃୟାରୀ ମାସରେ ୭୯ ଟି ଲମ୍ବା ଟ୍ରେନ୍ ଚଲାଇଛି ଯାହାକି ଦିନକୁ ହାରାହାରି ୨.୭୮ ଟ୍ରେନ୍ ଅଟେ ଏବଂ ଏହା ଯେକୌଣସି ମାସଠାରୁ ସର୍ବାଧିକ ଅଟେ । ସର୍ବାଧିକ ଟ୍ରେନ୍ ବେଗ ସହିତ ସର୍ବନିମ୍ନ ସମୟ ଅବଧିରେ ବିଭିନ୍ନ ଗନ୍ତବ୍ୟ ସ୍ଥାନକୁ ଅଧିକ ମାଲ ପରିବହନ କରିବା ପାଇଁ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ହାରାହାରି ୧୧୮ ୱାଗନ୍ ବିଶିଷ୍ଟ ୭୯ ଟି ରେକ୍ କେବଳ ଗତ ଫେବୃୟାରୀ ମାସରେ ବ୍ୟବହାର କରାଯାଇଛି । ସେହିଭଳି ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳ ମଧ୍ୟ ଅନୁରୂପ ଭାବେ ଏହି ସୂତ୍ରକୁ ବ୍ୟବହାର କରି ପାନ୍ୟବୋଝେଇ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ଧ୍ୟାନ ଦେଇଛି । ପରିବହନ ହେଉଥିବା ଏହି ପଣ୍ୟ ଗୁଡ଼ିକ ହେଉଛି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରାଧିକରଣରୁ ମୁଖ୍ୟ ଲୋଡିଂ ପଏଣ୍ଟ ଯଥା କେନ୍ଦୁଝର, ଧାମରା, ପାରାଦୀପ ଏବଂ ତାଳଚେର ଇତ୍ୟାଦି ସ୍ଥାନରୁ କୋଇଲା, ଲୁହାପଥର, ଚୂନ ପଥର ବୋଝେଇଦ୍ୱାରା ସମ୍ଭବ ହୋଇପାରିଛି ।

# ମାଲିକଙ୍କୁ ହତ୍ୟା କଲା ଗଞ୍ଜା : ଥାନାରେ ଅଟକ ରଖିଛି ପୁଲିସ

ମାଲକାନଗିରି ,୪।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ଦୁଃଖଦ ତଥା ଚକିତ କଲା ଭଳି ଘଟଣା ଘଟିଛି । ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିବା ଗୋଟିଏ ଗଞ୍ଜା ନିଜ ମାଲିକଙ୍କୁ ହତ୍ୟା କରିଛି । ଏହି ଘଟଣାରେ ପୁଲିସ ଗୋଟିଏ ମାମଲା ରୁଜୁ କରିବା ସହ ଗଞ୍ଜାକୁ ଅଟକ ରଖିଛି । ସୂଚନା ଅନୁଯାୟୀ, ଗତମାସ ୨୨ତାରିଖ ଦିନ ତେଲେଙ୍ଗାନା ରାଜ୍ୟର ଜଗତିୟାଲ ଜିଲ୍ଲା ଅନ୍ତର୍ଗତ ଲୁଥିନୁର ଗାଁରେ ଏଭଳି କୁକୁଡ଼ା ଲଢ଼େଇର ଆୟୋଜନ ହୋଇଥିଲା । ମନୋରଂଜନ ପାଇଁ ହେଉଥିବା ଏହି ଲଢ଼େଇରେ ହଜାର ହଜାର ଟଙ୍କା ବାଜି ବି ଲାଗିଥିଲା । ନିଜ ଗଞ୍ଜା ଗୋଡ଼ରେ ଧାରୁଆ ଛୁରି ବାନ୍ଧି ପୂର୍ବ ପ୍ରସ୍ତୁତି କରୁଥିଲେ ମାଲିକ ସତୀଶ । କିନ୍ତୁ କୁକୁଡ଼ା ଏତେମାତ୍ରାରେ ଉଗ୍ର ହୋଇଯାଇଥିଲା ଯେ ଭୂଇଁରୁ କିଛି ଫୁଟ ଉପରକୁ ଡେଇଁବା ଆରମ୍ଭ କରିଥିଲା । ବାରମ୍ବାର ଏମିତି ଡେଇଁବା ମଧ୍ୟରେ ମାଲିକ ସତୀଶଙ୍କ ନିକଟକୁ ଚାଲି ଆସି ଅତର୍କିତ ଆକ୍ରମଣ କରିଥିଲା । ସାମାନ୍ୟ ଅନ୍ୟମନସ୍କ ରହିଥିବା ସତୀଶ ବର୍ତ୍ତିବାକୁ ଚେଷ୍ଟା କରିଥିଲେ ବି ଅଣ୍ଟାରେ ଛୁରି ପଶି ଯାଇଥିଲା । ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।



## ପର୍ଯ୍ୟବେକ୍ଷକ ମାନଙ୍କ ସଂକ୍ଷିପ୍ତ ବୈଠକ

ଭୁବନେଶ୍ୱର,୪।୩ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଘୋଷଣା ହୋଇଥିବା ଆସାମ, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଓ ପୁଡୁଚେରୀର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ, ପୁଲିସ ପର୍ଯ୍ୟବେକ୍ଷକ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାନଙ୍କ ଏକ ବୈଠକ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅନ୍ ଲାଇନ୍ ମାଧ୍ୟମରେ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧାରଣ ପର୍ଯ୍ୟବେକ୍ଷକ ନିମନ୍ତେ ରାଜ୍ୟର ୨୨ ଜଣ ବରିଷ୍ଠ (ଆଇ.ଏ.ଏସ୍) ଅଧିକାରୀ, ପୁଲିସ ପର୍ଯ୍ୟବେକ୍ଷକ ନିମନ୍ତେ ୧୨ ଜଣ ବରିଷ୍ଠ (ଆଇ.ପି.ଏସ୍) ଅଧିକାରୀ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିମନ୍ତେ ୯ ଜଣ ବରିଷ୍ଠ (ଆଇ.ଆର.ଏସ.) ଅଧିକାରୀଙ୍କୁ ଉକ୍ତ ୫ ଗୋଟି ରାଜ୍ୟର ବିଧାନସଭା ପାଇଁ ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ଭାବେ ଅବଗତ କରାଇଥିଲେ ।

## ପାନୀୟ ଜଳ ପ୍ରକଳ୍ପକୁ ବିରୋଧର ପ୍ରତିବାଦ: ଶତାଧିକ ମହିଳାଙ୍କ ଧାରଣା

ଜଗତସିଂହପୁର,୪।୩ (ନି.ପ୍ର): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ନିର୍ମାଣ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପକୁ କିଛି ଲୋକ ବିରୋଧ କରୁଛନ୍ତି । ଯାହାର ପ୍ରତିବାଦ କରିବା ସହ ସ୍ଥାନୀୟ ଅଂଚଳର ଶତାଧିକ ମହିଳା ଆଜି ଘଟଣାସ୍ଥଳରେ ଧାରଣା ଦେଇଥିଲେ । ପ୍ରଶାସନ ଘଟଣାରେ ହସ୍ତକ୍ଷେପ କରିବା ସହ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ୩୮୮୦ ବରିଷ୍ଠ ନାଗରିକ ଓ ରୁଗ୍ଣ ବ୍ୟକ୍ତିଙ୍କୁ କୋଭିଡ୍ ଟିକାକରଣ

ଗଞ୍ଜାମ,୪।୩ (ନି.ପ୍ର): ଦୁଇ ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ୩ ହଜାର ୮୮୦ ଜଣ ବରିଷ୍ଠ ନାଗରିକ ଓ ରୁଗଣ ବ୍ୟକ୍ତିଙ୍କୁ କୋଭିଡ୍ ଟୀକାକରଣ କରାଯାଇଛି । ପ୍ରଥମ ଦିନରେ ୨୨୩୩ ଜଣ କୋଭିଡ୍ ଟୀକା ନେଇଥିଲେ । ପୁଣି ଦ୍ୱିତୀୟ ଦିନରେ ୩୮୮୦ ଜଣଙ୍କ ମଧ୍ୟରୁ ୩୮୭୦ ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ୬୩ ଜଣ ରୋଗାଗ୍ରସ୍ତ ରହିଥିବା ସୂଚନା ମିଳିଛି । ଜିଲ୍ଲାର ମୋଟ୍ ୩୨ ଟି ସ୍ଥାନରେ ଟୀକାକରଣ କରାଯାଉଥିବା ବେଳେ ବ୍ରହ୍ମପୁର ସହରରେ ୬ଟି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟୀକା ଦିଆଯାଉଛି । ସହରର ଆସିକା ରୋଡ଼, ବୈକୁଣ୍ଠ ନଗର, ରେଡ଼କ୍ରସ, ଗୁଡ଼ସେଡ୍ ରୋଡ଼, ଖୋଡ଼ାସିଙ୍ଗି ଏବଂ ଆମ୍ବପୁଆ ସ୍ଥିତ ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ୍ ୯୮୬ ଜଣ ଟୀକା ନେଇଛନ୍ତି । ଜିଲ୍ଲାରେ ଦୁଇ ଦିନ ମଧ୍ୟରେ ମୋଟ୍ ଟୀକା ଗ୍ରହଣକାରୀଙ୍କ ସଂଖ୍ୟା ୬୦୫୩ ରେ ପହଂଚି ଥିବା ବେଳେ ଏଥିରେ ବ୍ରହ୍ମପୁର ସହରରେ ୧୨୨୬ ଜଣ ରହିଛନ୍ତି । ଦ୍ୱିତୀୟ ଦିନରେ ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧୨ ଜଣ, ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୦ ଜଣ, ବେଲଗୁଣ୍ଠାରେ ୨୦୬, ବେଗୁନିଆପଡ଼ାରେ ୨୮୧ ଜଣ, ଭଞ୍ଜନଗର ବ୍ଲକରେ ୭୬ ଜଣ, ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬୧, ବୁଗୁଡ଼ାରେ ୨୫୬, ଛତ୍ରପୁର ବ୍ଲକରେ ୧୩୪, ଛତ୍ରପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୨ ଜଣ, ଚିକିଟିରେ ୧୭୨, ଧରାକୋଟରେ ୧୩୪, ଦିଗପହଣ୍ଡିରେ ୨୯୧ ଜଣ, ଗଞ୍ଜାମରେ ୧୫୧, ହିଞ୍ଜିଳିକାଟୁରେ ୧୮୯ ଜଣ, ଜଗନ୍ନାଥପ୍ରସାଦ ବ୍ଲକରେ ୧୯୭, କବିସୂର୍ଯ୍ୟନଗର ବ୍ଲକରେ ୧୪୪ ଜଣ, ଖଲ୍ଲିକୋଟରେ ୨୨୨, କୁକୁଡ଼ାଖଣ୍ଡିରେ ୩୭୩, ପାତ୍ରପୁରରେ ୧୨୧, ପୋଲସରାରେ ୭୮, ପୁରୁଷୋତମପୁରରେ ୪୦୯, ରଙ୍ଗେଇଲୁଣ୍ଡାରେ ୧୮୬, ସାନଖେମୁଣ୍ଡିରେ ୨୨୬, ଶେରଗଡ଼ରେ ୨୨୪ ଏବଂ ସୋରଡ଼ା ବ୍ଲକରେ ୨୪୨ ଜଣ ବରିଷ୍ଠ ନାଗରିକ ଏବଂ ଜଟିଳ ରୋଗାଗ୍ରସ୍ତ ବ୍ୟକ୍ତି ମାନେ କୋଭିଡ୍ ଟକା ନେଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି ।

# ମନ୍ଦିରରୁ ଚୋରି : ୪ମୂର୍ତ୍ତି ଜବତ

ପୁରୀ,୪।୩ (ନି.ପ୍ର): ଗତ ଜାନୁଆରୀ ୩୦ ତାରିଖ ରାତିରେ ପିପିଲି ଥାନା ଅନ୍ତର୍ଗତ କାକୁଡିଆ ଗ୍ରାମର ଗୋପିନାଥ ମନ୍ଦିରରୁ ମୂର୍ତି ଚୋରି ହୋଇଥିବା ସଂପର୍କରେ ପୂଜକ ଜନାର୍ଦ୍ଦନ ଦୀକ୍ଷିତ ପିପିଲି ଥାନାରେ ଅଭିଯୋଗ କରିଥିଲେ । ୧୩ଶହ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରର ଦ୍ୱାରଭାଙ୍ଗି ଚୋରି ହୋଇଥିଲା । ଏ ସଂପର୍କରେ ପିପିଲି ଥାନା ଆଇଓ ଓ ଇନ୍ସପେକ୍ଟର ଏସ୍. ଦେହୁରିଆ, ଏସଟିଏଫ୍ ଭୁବନେଶ୍ୱରଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ଅଭିଯୁକ୍ତ ଜଣକ ଭୁବନେଶ୍ୱର ପାତ୍ରପୁରରୁ ଧରିବା ପରେ ତା ଠାରୁ ବିଷ୍ଣୁ, ଲକ୍ଷ୍ମୀ, କୃଷ୍ଣ, ରାଧା ଓ ଗରୁଡ ମୂର୍ତି ପୁଲିସ ଜବତ କରିଛି । ପିପିଲି ଥାନା ପୁଲିସ କେସ୍ ନମ୍ବର ୫୧ /୨୦୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଛେନାପାଦିର ସୁଦର୍ଶନ ପାଢୀଙ୍କ ପୁତ୍ର ବାବୁନି ପାଢୀ ୨୯କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା : ମାର୍ଚ୍ଚ ୮, ସକାଳ ୯ ରୁ ୧୧

କେନ୍ଦ୍ରାପଡ଼ା,୪।୩ (ନି.ପ୍ର): ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଚଳିତ ମାସ ୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ୮ ତାରିଖ ସକାଳ ୯ରୁ ୧୧ଟା ମଧ୍ୟରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ପୂର୍ବରୁ ଆବେନଦ କରିଥିବା ୬୯୫ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ । କେବଳ ଷଷ୍ଠ ଶ୍ରେଣୀର ୮୦ଟି ସିଟ୍ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଏହା ସହ ବିଳମ୍ବିତ ନାମଲେଖା (ଲାଟେରାଲ ଏଣ୍ଟ୍ରି) ରେ ୭ମ ଶ୍ରେଣୀ ପାଇଁ ୩୫, ୮ମରେ ୮, ୯ମରେ ୨ଟି ସିଟ୍ ଖାଲି ଥିବାରୁ ସେଥିପାଇଁ ପରୀକ୍ଷା ମଧ ଅନୁଷ୍ଠିତ ହେବ । ଏଥିପାଇଁ ଇଛାପୁର ହାଇସ୍କୁଲ, ବଳଦେବ ହାଇସ୍କୁଲ, କେନ୍ଦ୍ରାପଡା ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପରିଚାଳନା କରାଯିବ । ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲା ଶୀକ୍ଷା ଅଧିକାରୀ ସଂଜୀବ କୁମାର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ଙ୍କ ସମେତ ପରୀକ୍ଷା କେନ୍ଦ୍ର ହୋଇଥିବା ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନେ ଯୋଗଦେଇ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ତେବେ ଏହି ପରୀକ୍ଷା କେନ୍ଦ୍ରାପଡା ବ୍ଲକ ଅଧିନ ତରାଣ୍ଡୋ ଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଛାତ୍ରଛାତ୍ରୀ ମାନେ ଆବେଦନ କରିଛନ୍ତି । କରୋନା କଟକଣାକୁ ଆଖିଆଗରେ ରଖି ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ପାଳନ ସହ ପରୀକ୍ଷା କରାଯିବ ବୋଲି ବିଜ୍ଞାନ ପରିଦର୍ଶକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## ଭିସୁଟ୍ ପରିସରରୁ ହଟିଲା କଂଟେନମେଂଟ କଟକଣା

ସମ୍ବଲପୁର,୪।୩ (ନି.ପ୍ର): ପ୍ରଶାସନ ପକ୍ଷରୁ ବୁର୍ଲା ଭିସୁଟ୍ ପରିସରରୁ କଂଟେନମେଂଟ କଟକଣାକୁ ହଟାଇ ଦିଆଯାଇଛି । ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଟେଷ୍ଟିଂ ଓ ସର୍ଭେ କାର୍ଯ୍ୟ ଶେଷ ହେବା ପରେ କଟକଣା ପ୍ରତ୍ୟାହାର କରିଛି ପ୍ରଶାସନ । କଂଟେନମେଂଟ ହଟିବା ସତ୍ତ୍ୱେ ୭ ଦିନ ପର୍ଯ୍ୟନ୍ତ ଆକ୍ଟିଭ୍ ସର୍ଭେଲାନ୍ସ ଜାରୀ ରହିବ । ଏଠାରେ ଉଲ୍ଲେଖଯୋଗ୍ୟ, ଭିସୁଟର ୨୫ ଜଣ ଛାତ୍ର କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଭିସୁଟ୍ କୁ ଗତ ୨୮ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଟ୍ ଡାଉନ୍ ଘୋଷଣା କରାଯାଇଥିଲା ।

# ହୋଟେଲ ମାଲିକଙ୍କ ସହ ଏସପିଙ୍କ ବୈଠକ

ପୁରୀ, ୦୩ ମାର୍ଚ୍ଚ (ହି.ସ ) – ପୁରୀକୁ କ୍ରାଇମଫ୍ରି ସିଟି କରିବା ପାଇଁ ଏସପି କେ. ଭିଶାଲ ସିଂ ଉଦ୍ୟମ ଜାରି ରଖିଛନ୍ତି । ଏ ସଂପର୍କରେ ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟଠାରେ ହୋଟେଲ ମାଲିକମାନଙ୍କ ସହ ଆଲୋଚନା କରିଥିଲେ । ହୋଟେଲ ମାଲିକମାନେ ସେମାନଙ୍କ ସୁବିଧା ଅସୁବିଧା ଓ ବାହୁବଳୀମାନେ ଦାଦାବଟି ମାଗିବା ସଂପର୍କରେ ଏସପିଙ୍କୁ ଜଣାଇଥିଲେ । ଏହାସହ ହୋଟେଲ ଗୁଡିକରେ ପର୍ଯ୍ୟଟକମାନେ କରୋନା ଗାଇଡ ଲାଇନ ମାନିବା, ସେମାନଙ୍କୁ ନିରାପଧ ଓ ସୁରକ୍ଷିତ ରଖିବା ପାଇଁ ଆଲୋଚନା ହୋଇଥିଲା । ଏହାସହ ହୋଟେଲରେ ସିସିଟିଭି, ଫାୟାର ସେଫ୍ଟି, ବିଚରେ ପର୍ଯ୍ୟଟକ ସ୍ନାନ ବେଳେ ଲାଇଫଗାର୍ଡ ସହାୟତା ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ହୋଟେଲକୁ ଆସୁଥିବା ପର୍ଯ୍ୟଟକଙ୍କ ଯାନବାହନ ଯୋଗୁଁ ରାସ୍ତା ଜାମ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା । ପ୍ରତି ହୋଟେଲରେ ପ୍ରତିଦିନ କେତେଜଣ ପର୍ଯ୍ୟଟକ ରହିଲେ ତାଙ୍କ ସଂପର୍କରେ ତଥ୍ୟ ପୁଲିସ ଓ ହୋଟେଲ ମାଲିକଙ୍କ ହ୍ୱାଟସପ୍ ଗ୍ରୁପରେ ଜଣାଇବା ପାଇଁ ନିଷ୍ପି ହୋଇଥିଲା । ଖୁବଶୀଘ୍ର ଏହି ହ୍ୱାଟସପ୍ ଗ୍ରୁପ ଖୋଲାଯିବ । ହୋଟେଲରେ କୌଣସି ଗଣ୍ଡଗୋଳ ଓ ପୁଲିସର ସାହାର୍ଯ୍ୟ ଆବଶ୍ୟକ ହେଲେ ସଙ୍ଗେ ସଙ୍ଗେ ଜଣାଇବା ପାଇଁ କୁହାଯାଇଥିଲା ।

# ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ମୃତ

ଉଲୁଣ୍ଡା,୪।୩ (ନି.ପ୍ର):ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ସେ ଶୋଇଥିବା ବେଳେ ଘରୁ ଟେକି ଆଣି କଚାଡ଼ି ମାରିଦେଲା ହାତୀ । ଏଭଳି ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକର ବନାଞ୍ଚଳ ଅଧୀନସ୍ଥ ପନକିଟାଲ ଗ୍ରାମରେ ।

ମିଳିଥିବା ସୂଚନା ଅନୁସାରେ, ହାତୀଟି ଧାନ ଖାଇବା ପାଇଁ ବଡ଼ିଭୋରୁ ନାରାୟଣ ଭୁଇଁଙ୍କ ଘରେ ପଶିଥିଲା । ସେ ଶୋଇଥିବା ବେଳେ ହାତୀଟି ତାଙ୍କୁ ଘରୁ ଟେକିଆଣି କଚାଡ଼ିମାରିଦେଇଛି । ହାତୀର ଏଭଳି କାଣ୍ଡ ଦେଖି ତାଙ୍କ ଘରପାଖରେ ଥିବା ଅନ୍ୟ ପରିବାରର ଲୋକେ ଦଉଡ଼ି ପଳାଇଥିଲେ । ଖବର ପାଇ ବନପାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ସୋନପୁର ଡାକ୍ତରଖାନାକୁ ପଠାଇଥିଲେ ।

## ନାବାଳିକା ଉଦ୍ଧାର : ଯୁବକ ଗିରଫ

ପୁରୀ,୪।୩ (ନି.ପ୍ର): ଟାଉନଥାନା ଅନ୍ତର୍ଗତ ବାଲିସାହି ଶ୍ୱେତଗଙ୍ଗା ଲେନର ଜଣେ ନାବାଳିକା ଅପହରଣ ହୋଇଥିବା ଅଭିଯୋଗ ହୋଇଥିଲା । ଏ ସଂପର୍କରେ ଏସପି କେ. ଭିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ପୁରୀଜିଲ୍ଲାର ଚନ୍ଦନପୁର, ସତ୍ୟବାଦୀ, ବାଲିପୁଟ, ଗୋପ, ବାସେଳୀସାହି ଅ ଳରେ ଛାନଭିନ୍ କରିଥିଲେ । ଏହାସହ ନୟାଗଡ ଜିଲ୍ଲାର ଶରଣକୂଳ, ଇଟାମାଟି ଆଦି ଅ ଳ ଖୋଜିବା ପରେ କନ୍ଧମାଳ ଜିଲ୍ଲା ବାଲିଗୁଡାରୁ ଅଭିଯୁକ୍ତ ଯୁବକ ଶିବପ୍ରସାଦ ଦାସ ୩୦କୁ ଗିରଫ କରିଥିଲେ । ଶିବଙ୍କ ଘର ଚନ୍ଦନପୁର ଉଷାସାହିରେ ବୋଲି ଜଣାଯାଇଛି । ନାବାଳିକା ଅପହରଣ ସଂପର୍କରେ ମନୋରମା ଦାସ ଟାଉନଥାନରେ ଗତ ୨୩ ତାରିଖରେ ଅଭିଯୋଗ କରିଥିଲେ । ଏ ସଂପର୍କରେ ଟାଉନଥାନରେ ୫୩/୨୧ର ମାମଲା ରୁଜୁ ହୋଇଥିଲା ।

# ବଜାର ଅଭାବ ଯୋଗୁଁ ଆଖୁ ଚାଷ ପ୍ରତି ବିମୁଖ ଚାଷୀ : ମିଳିବନି ଟେଙ୍ଗେନମାଲ ସ୍ୱାଦିଷ୍ଟ ଗୁଡ଼ ଓ ପ୍ରସିଦ୍ଧ ଶାଳ ଉଖୁଡ଼ା

ବ୍ରଜରାଜନଗର ,୪।୩ (ନି.ପ୍ର): ଝାରସୁଗୁଡ଼ା ବ୍ଲକ୍ ରାଜପୁର ଓ ଲୁଇସିଙ୍ଗ ପଞ୍ଚାୟତ ସହିତ ଲଖନପୁର ବ୍ଲକ୍ ମଚିଦା ପଞ୍ଚାୟତ ଟେଙ୍ଗେନମାଲ ଗ୍ରାମରେ ବହୁଳ ଭାବରେ ଗୁଡ଼ ଚାଷ ହୋଇଥାଏ । ମଚିଦାରେ ପ୍ରାୟ ୫୦ ଏକର, ରାଜପୁର ଓ ଲୁଇସିଙ୍ଗରେ ମଧ ୫୦ ଏକର ଜମିରେ ଏହି ଚାଷ ହୋଇଥାଏ । ଏହି ଅଞ୍ଚଳର ଗୁଡ଼ ଓ ଶାଳ ଉଖୁଡ଼ାର ସ୍ୱତନ୍ତ୍ର ଚାହିଦା ରହିଛି । କିନ୍ତୁ ଉପଯୁକ୍ତ ବଜାର ଅଭାବ ଯୋଗୁଁ ଚାଷୀମାନେ ଉଚିତ ଲାଭ ପାଇ ପାରୁ ନାହାନ୍ତି । ଫଳରେ ଏହି ଅର୍ଥକାରୀ ଫସଲ ପ୍ରତି ସ୍ଥାନୀୟ ଚାଷୀ ବିମୁଖ ହୋଇ ପଡୁଥିବା ଦେଖାଯାଇଛି । ଏଭଳି ପରିସ୍ଥିତି ଲାଗି ରହିଲେ ଟେଙ୍ଗେନାମାଲର ସ୍ୱାଦିଷ୍ଟ ଗୁଡ଼ ଓ ପ୍ରସିଦ୍ଧ ଶାଳ ଉଖୁଡ଼ା ଇତିହାସ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି । ଜିଲ୍ଲାର ଏହି ୩ ପଞ୍ଚାୟତ ସହିତ ଚାଣ୍ଟିପାଲି, ମୁରଲୀପାଲି, ଅମାପାଲି, ଲୁହବଗା ଆଦି ସ୍ଥାନରେ ଆଖୁ ଚାଷ ହେଉଥିଲା । ଏହି ଚାଷ ଏକ ଦୀର୍ଘମିଆଦୀ ଅର୍ଥକାରୀ ଫସଲ ହୋଇଥିବାରୁ ସେ ସମୟର ଚାଷୀମାନେ ଉପକୃତ ହେଉଥିଲେ । ଆଖୁ ମୁଖ୍ୟତଃ ଡିସେମ୍ବର ମାସରୁ ଅମଳ ହୋଇଥାଏ । ଚାଷୀମାନେ ଆଖୁ କାଟି ଘଣା ପକାଇ ଗୁଡ଼ ଅମଳ କରି ବିକ୍ରି କରିଥାନ୍ତି । ଖରାଦିନେ ଆଖୁ ପିଲ ପାଇଁ ପାଣିର ଆବଶ୍ୟକତାକୁ ଦେଖି ୨୦୦୭ ଜାମୁନାଳାରେ ଏକ କ୍ରସ୍‌ଡ୍ୟାମ ନିର୍ମାଣ ପରେ ଟେଙ୍ଗେନେମାଲ ଓ ଏହାର ଆଖପାଖରେ ଆଖୁ ଚାଷ କରିବା ସୁବିଧା ହୋଇଥିଲା । ସେହିପରି ଲୁଇସିଙ୍ଗରେ ଏକ ନାଳ ଯୋଗୁଁ ମଧ ଆଖୁ ଚାଷ ହେଉଛି । ଏବେ ଚାଷ କରିବାର ପ୍ରଣାଳୀରେ ପରିବର୍ତ୍ତନ ଘଟିଛି । କିନ୍ତୁ ଏହି ଅଞ୍ଚଳର ଚାଷୀ ସେହି ପାରମ୍ପରିକ ପ୍ରଣାଳୀରେ ଚାଷ କରିବା ସହିତ ଗୁଡ଼ ଉତ୍ପାଦନ କରୁଛନ୍ତି । ତେବେ ଗୁଡ଼ ପ୍ରସ୍ତୁତିରେ କଠିନ ପରିଶ୍ରମ ସହିତ ଖର୍ଚ୍ଚ ମଧ ଅଧିକ ହେଉଛି । ଉପଯୁକ୍ତ ବଜାର ନଥିବାରୁ ଚାଷୀ ଏଠାରୁ ଭଲ ଆୟ କରିପାରୁନି । ଗୁଡ଼ ପ୍ରୋସେସିଂ ମେସିନ୍‌ରେ କମ ସମୟ ଓ କମ୍ ଲୋକ ବିନିଯୋଗ ହୋଇଥାନ୍ତି । ଏହାଦ୍ୱାରା ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ । ବଡ଼ କଥା ହେଲା ଟେଙ୍ଗେନମାଲର ଶାଳ ଉଖୁଡ଼ା ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇଥାଏ । ଖାଣ୍ଟି ଗୁଆଘିଆ, ଜୁଆଣି, ନଡ଼ିଆ, ପାନମଧୁରି, ଅଳେଇଚ, ଲବଙ୍ଗ ଆଦି ପଡ଼ି ଏହି ସ୍ୱାଦିଷ୍ଟ ଉଖୁଡ଼ା ପ୍ରସ୍ତୁତ ହୋଇଥାଏ । ଛତିଶଗଡ଼ ଓ ଓଡ଼ିଶାରେ ଏହାର ଢେର ଚାହିଦା ରହିଛି ବୋଲି ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ଗଡ଼ତିଆ ପ୍ରକାଶ କରିଛନ୍ତି । ଆଖୁ ଚାଷରେ ମନରେଗା ପରି ଶ୍ରମିକ ନିୟୋଜିତ କରାଗଲେ ଚାଷୀମାନେ ଲାଭବାନ ହେବେ ବୋଲି ଚାଷୀ ଅଭିମନ୍ୟୁ ଗଡ଼ତିଆ, ସୁବଳ ଗଡ଼ତିଆ, ମନବୋଧ ଗଡ଼ତିଆ ପ୍ରମୁଖ କହିଛନ୍ତି । ଏବେ ଗୁଡ଼ କେଜି ୬୦ ଟଙ୍କାରେ ବିକ୍ରି ହେଉଛି । ଆଖୁ ଚାଷ ଆରମ୍ଭଠାରୁ ଅମଳ, ଘଣା ପକାଇ ଗୁଡ଼ ରାନ୍ଧିବା ଓ ଶେଷରେ ଗୁଡ଼ ଗୁଳା ପ୍ରସ୍ତୁତିରେ ପୂରା ଚାଷୀ ପରିବାରକୁ ଶ୍ରମ ଦେବାକୁ ପଡୁଛି । ତଥାପି ସେପରି ଲାଭ ମିଳୁନି ବୋଲି ଚାଷୀମାନେ କହିଛନ୍ତି । ଏ ବାବଦରେ ଜିଲ୍ଲା କୃଷି ଅଧିକାରୀ ବଳବୀର ସିଂହ ସ୍ୱାନ୍ ?ଙ୍କୁ ପଚାରିବାରୁ ବର୍ତ୍ତମାନ ସମୟରେ ପୁରୁଣା ପଦ୍ଧତିରେ ଆଖୁ ଚାଷ କରି ଅମଳ ଓ ଗୁଡ଼ ପ୍ରସ୍ତୁତି କରିବା ଲାଭଜନକ ନୁହେଁ । ସେଥିପାଇଁ ପ୍ରୋସେସିଂ ମେସିନ୍ ବ୍ୟବହାର ଆବଶ୍ୟକ ରହିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ଋଣ ଛାଡ଼ ରହିବ ।

# ବିଜେପି ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ନୂତନ କାର୍ଯ୍ୟକାରିଣୀ ଘୋଷଣା

କେନ୍ଦ୍ରାପଡ଼ା,୪।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି । ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଡ଼ଃ ବିଭୂପ୍ରସାଦ ତରାଇ ଙ୍କ ଅନୁମୋଦନ ଓ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ପ୍ରସ୍ତାବ କ୍ରମେ ଜିଲ୍ଲା ସଭାପତି ଭାବେ ସୁଦାମ ଚରଣ ମଲିକ, ଉପ ସଭାପତି ଭାବେ ଅନନ୍ତ ଚରଣ ମଲିକ, ପ୍ରବେଶାନ ମଲିକ, ଶିବପ୍ରସାଦ ବେହେରା, ଉମାକାନ୍ତ ସେଠୀ, ସାଧାରଣ ସଂପାଦକ ଭାବେ ଶଶିକାନ୍ତ ମଲିକ , ବାଦଲ ମଲିକ ସଂପାଦକ ଭାବେ , ଚିତରଞ୍ଜନ ମଲିକ, ଦିପକ ସେଠୀ, ସ୍ୱରାଜ ମଲିକ, ଅରୁଣ ମଲିକ, ବିଚିତ୍ର ମଲିକ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ମଲିକ, ମିଡିଆ ସଂଯୋଜକ ଭାବେ ରବିନ୍ଦ୍ର ମଲିକଙ୍କୁ ନିଯୁକ୍ତି ଦେଇଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟଭାବେ ୧୭ଜଣଙ୍କୁ ମନୋନିତ୍ୱ କରାଯାଇ ଥିବା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ସୂଚନା ଦେଇଛନ୍ତି ।

# ପଣବନ୍ଦୀ ଥିବା ଯୁବକ କୋଲକାତାରୁ ଉଦ୍ଧାର

ବାଲେଶ୍ୱର,୪।୩ (ନି.ପ୍ର): ପଣବନ୍ଦୀ ଥିବା ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ କେଶପୁର ଗାଁର ଯୁବକ କୋଲକାତାରୁ ଉଦ୍ଧାର ହୋଇଛନ୍ତି । କୋଲକାତା ପୋଲିସ ସହାୟତାରେ ସୋର ପୋଲିସ ଯୁବକ ଜଣଙ୍କୁ ପଶ୍ଚିମବଙ୍ଗର ଚବିଶିପ୍ରଗଣା ଅଂଚଳରୁ ଉଦ୍ଧାର କରିବାରେ ସଫଳ ହୋଇଛି । ଚାକିରୀ କରାଇଦେବାକୁ ଡାକି ନେଇ କେତେକ ଦୁର୍ବୃତ ତାଙ୍କୁ ପଣବନ୍ଦୀ ରଖିଥିଲେ । ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଯୁବକ ଜଣଙ୍କୁ ଚବିଶିପ୍ରଗଣା ଅଂଚଳରେ ପଣବନ୍ଦୀ ରଖାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ଏହାପରେ ସୋର ପୋଲିସର ଏକ ଟିମ୍ ସେଠାରେ ପହଂଚି କୋଲକାତା ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲା । ତେବେ ଅପହର୍ତା ଧରାପଡିନାହାଁନ୍ତି । ସେମାନେ ୮ ଲକ୍ଷ ଟଙ୍କା ଦାବିରେ ସମ୍ପୃକ୍ତ ଯୁବକଙ୍କୁ ପଣବନ୍ଦୀ ରଖିଥିଲେ ।

# ହାର ମାନିନାହାନ୍ତି : ଆତ୍ମନିର୍ଭରଶୀଳ ହୋଇଛନ୍ତି ଅନିଲ

ବ୍ରହ୍ମପୁର ,୪।୩ (ନି.ପ୍ର): ନବମ ଶ୍ରେଣୀରେ ପଢୁଥିବା ବେଳେ ବାପାଙ୍କୁ ହରାଇଥିଲେ । ଏହା ସତ୍ତ୍ୱେ ସେ ହାର ମାନିନାହାନ୍ତି । ସବୁ ବାଧା ବିଘ୍ନକୁ ସାମ୍ନା କରି ପାଠ ପଢ଼ିଛନ୍ତି । ଆଉ ଆତ୍ମନିର୍ଭରଶୀଳ ହୋଇଛନ୍ତି । ଅନ୍ୟପାଇଁ ରୋଜଗାର ମାର୍ଗ ଦର୍ଶକ ପାଲଟିଛନ୍ତି । ଏମିତି ଜଣେ ଉଦୀୟମାନ ଯୁବକ ହେଉଛନ୍ତି ଅନିଲ ବେହେରା । ନିଜେ ସ୍ୱାବଲମ୍ବି ହେବା ସହିତ ନିଜ ଦୋକାନରେ ୮ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ବ୍ରହ୍ମପୁର ଗେଟବଜାର ଅଞ୍ଚଳର ଅନିଲ ବେହେରା । ନବମ ଶ୍ରେଣୀରେ ପଢୁଥିବା ବେଳେ ବାପାଙ୍କୁ ହରାଇଥିଲେ । ଦାଦାଙ୍କ ପାଖରେ ରହି ପାଠ ପଢୁଥିଲେ । ଚଳିବା ପାଇଁ ବିବାହ ଉତ୍ସବରେ କ୍ୟାଟରିଂ ବୟ ଭାବେ କାମ କରୁଥିଲେ । ସେହି ସମୟରେ ତାଙ୍କର ରନ୍ଧାରନ୍ଧି ଉପରେ ବିଶେଷ ରୁଚି ଆସିଲା । ଆଉ ତା’ପରେ ଆତ୍ମ ନିର୍ଭର ହେବାର ସ୍ୱପ୍ନ ଦେଖିଲେ । ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ +୩ର ପ୍ରଥମ ବର୍ଷରେ ପଢୁଥିବା ବେଳେ ରାତିରେ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଅନିଲ ୧୨୦୦ ଟଙ୍କାରେ ଆରମ୍ଭ କଲେ ବେପାର । ଗୋଟିଏ ଲୁହା ଟେବୁଲ୍ ଉପରେ ବ୍ରେଡ୍ ଅମଲେଟ୍ ଓ ସିଝା ଅଣ୍ଡା ବିକିଲେ । ଦିନକୁ ୨୦୦ରୁ ଅଧିକ ବେପାର ହେଲା । ତେବେ ଏହି ବେପାରକୁ ବଢ଼ାଇବା ପାଇଁ ସେ ଇଚ୍ଛା କଲେ । ପରବର୍ତ୍ତୀ ସମୟରେ ଖଲ୍ଲିକୋଟ କଲେଜ ଷ୍ଟାଡିୟମ ଆଗରେ ଠେଲାରେ ବେପାରକୁ ବଢ଼ାଇଲେ । ଏବେ ତାଙ୍କ ଦୋକାନରେ ବ୍ରେଡ୍ ଅମଲେଟ୍, ସିଝା ଅଣ୍ଡା, ଗଜା ମୁଗ ସାଲାଡ୍, ମାଣ୍ଡିଆ ପାଣି, ସିଝା ଚିକେନ, କଦଳୀ ସହ ଭଳିକି ଭଳି ସକାଳୁଆ ଖାଦ୍ୟ ବିକ୍ରି ହେଉଛି । ପ୍ରାତଃ ଭ୍ରମଣ କରିବାକୁ ଆସୁଥିବା ଲୋକମାନେ ଏହି ହେଲ୍‌ଦି ଖାଦ୍ୟ ଖାଇବା ପାଇଁ ଭିଡ଼ ଜମାଉଛନ୍ତି । ଏହି ବେପାର କରି ଅନିଲ ନିଜେ ଆତ୍ମନିର୍ଭଶୀଳ ହେବା ସହା ସହିତ ୮ ଜଣ ଲୋକଙ୍କୁ ଚାକିରି ଦେଇଛନ୍ତି । ସେହି ୮ ଜଣଙ୍କ ମଧ୍ୟରେ ୫ ଜଣ କଲେଜ ଛାତ୍ର ଅଛନ୍ତି । ଏବେ ତାଙ୍କ ଦୋକାନରେ ୩୦ ପ୍ରକାର ଆଇଟ୍‌ମ ଉପଲବ୍ଧ ହେଉଛି । ସବୁ ବର୍ଗର ଲୋକ ଏଠାକୁ ଆସି ସୁସ୍ୱାଦ ଖାଦ୍ୟ ଖାଉଛନ୍ତି ।



# ଧାନ ନେଉନି କୋରୋ ମଣ୍ଡି : ଚାଷୀ ହେଲେଣି ହତାଶ

କେନ୍ଦ୍ରାପଡ଼ା,୪।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଂଚାୟତରେ ଥିବା କୋର ସେବା ସମବାୟ ସମିତି ବିଭିନ୍ନ ଆଡ ଦେଖାଇ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କର ଧାନ କିଣୁନଥିବା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଚାଷୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, କୋର ସମବାୟ ସମିତିରେ ଚାଷୀମାନଙ୍କ ନାକଚ ଟୋକନକୁ ପୁନଃର୍ବାର ପଞ୍ଜିକରଣ କରିବା ଓ ଧାନ ବିକିବାରୁ ବଂଚିତ ଥିବା ଚାଷୀମାନଙ୍କ ଠାରୁ ଧାନ କିଣିବା, ଏହି ସମବାୟ ସମିତି ରେ ପ୍ରାୟ ୫ହଜାର କ୍ୱିଣ୍ଟାଲ ଧାନ ଚାଷୀମାନଙ୍କ ପାଖରେ ଗଚ୍ଛିତ ରହିଛି । ତୁରନ୍ତ ଚାଷୀ ମାନଙ୍କ ଠାରୁ ଧାନ ନେବାପାଇଁ ପଂଚାୟତର ସରପଂଚଙ୍କ ନେତୃତ୍ୱରେ ଶରତ ଚନ୍ଦ୍ର ସାମଲ, ଭାବଗ୍ରାହୀ ମଲିକ, ନୃସିଂହ ରାଉତ, ବାବାଜୀ ମଲିକ, ଅଶୋକ କୁମାର ବରାଳ ପ୍ରମୁଖ ଦାବି କରିଛନ୍ତି ।

## ଜଳେଶ୍ୱର-ବାଲେଶ୍ୱର ବସ୍‌ଭଡାକୁ ନେଇ ଅସନ୍ତୋଷ : କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୪/୩ (ନି.ପ୍ର) : କୋଭିଡ୍ କଟକଣାପରେ ଜଳେଶ୍ୱରରୁ ବାଲେଶ୍ୱର ଚଳାଚଳ କରୁଥିବା ବସ୍ ଗୁଡିକ ମନଇଚ୍ଛା ଭଡା ନେଇ ଥିବାରୁ ଅସନ୍ତୋଷ ଦେଖା ଦେଇଛି । ଜଳେଶ୍ୱରରୁ ବାଲେଶ୍ୱର ୪୬ କି.ମି ହୋଇଥିବା ବେଳେ ସାଧାରଣ ବସ୍‌ଭଡା ଅନ୍ୟୁନ ୪୦ଟଙ୍କା ହେବା କଥା । କିନ୍ତୁ କେତେକ ବସ୍ ୬୦ଟଙ୍କା ନେଉଥିବ। ବେଳେ ଅନ୍ୟ କେତେକ ୭୦ଟଙ୍କା ନେଉଥିବାର ଅଭିଯୋଗ ହେଉଛି । ପୁଣି ଏବେ କୋଭିଡ୍ ଗାଇଡ୍ ଲାଇନ୍‌କୁ ଗୁରୁତ୍ୱ ନ ଦେଇ ବସ୍‌ରେ ଭିଡାଭିଡି ହୋଇ ଯାତ୍ରୀମାନଙ୍କୁ ନେଉଥିବାର ଜଳେଶ୍ୱର ଥାନା ଅନ୍ତର୍ଗତ ଓଲିନ୍ଦା ଗ୍ରାମର ରବିନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି । କେବଳ ଏକିତି ନୁହେଁ ବସ୍‌ରେ ସର୍ବନିମ୍ନ ଭଡା ୫ଟଙ୍କା ଥିବା ବେଳେ ଏବେ ୧୦ଟଙ୍କା ନିଆଯାଉଛି । ଏହି ପରିପ୍ରେକ୍ଷିରେ ସେ ବାଲେଶ୍ୱର ଜିଲାପାଳ, ଆର୍‌ଟିଓ, ଜଳେଶ୍ୱର ବିଧୟକଙ୍କୁ ଲିଖିତଭାବେ ଜଣାଇଛନ୍ତି । ଆଜି ବାଲେଶ୍ୱରରୁ ଜଳେଶ୍ୱର ଆହେସାନ୍ ବସ୍‌ରେ ଫେରୁଥିବା ବେଳେ ବସ୍ କଣ୍ଡକ୍ଟର ଅଧିକ ଭଡା ନେବା ସହିତ ତାଙ୍କୁ ବେଇଜ୍ଜତ କରିଛନ୍ତି ବୋଲି ସେ ଦର୍ଶାଇଛନ୍ତି ।

## ଲଙ୍ଗଳେଶ୍ୱର ସିଟି ସ୍କୁଲର ପ୍ରଥମବର୍ଷ ଗୁରୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଆପାଳ,୦୪/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଆଜି ପ୍ରଥମ ବର୍ଷର ଗୁରୁ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବରିଷ୍ଠ ପ୍ରଶିକ୍ଷକ ତ୍ରିଭୂବନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ ଝାଡେଶ୍ୱର ପ୍ରଧାନ,ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଶିକ୍ଷକ ଅମୂଲ୍ୟଚନ୍ଦ୍ର ଘଡାଇ,ସମ୍ମାନୀତ ଅତିଥି ଭାବରେ ବରିଷ୍ଟ ଶିକ୍ଷକ ପଞ୍ଚାନନ ପ୍ରଧାନ ,ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟବର୍ଷର ଗୁରରୁଛାତ୍ର ହରେନ୍ଦ୍ର ମାହାନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଗୁରୁଛାତ୍ର ଶିବସଙ୍କର ପରିଡା ଅତିଥିପରିଚୟ ପ୍ରଦାନ କରିଥିଲେ । ଗୁରୁଛାତ୍ର ମନିଷ ପାତ୍ର,ରାଜୀବ ଜେନା, ଜ୍ୟୋର୍ତୀରଞ୍ଜନ ସାହୁ, ତୃପ୍ତିମୟୀ ଜେନା, ସ୍ୱାତୀ ପାଣିଗ୍ରାହୀ ପ୍ରମୁଖ ମିଳିତ ଭାବରେ ପ୍ରଥମବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ



ବାରିପଦା,୦୪/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସଂଗଠିତ କରି ସାମ୍ବାଦିକ ମାନଙ୍କର ସୁରକ୍ଷା ଓ କଲ୍ୟାଣ ପାଇଁ କାର୍ଯ୍ୟ କରିବାର ଉଦେଶ୍ୟ ନେଇ ନୂତନକରି ଗଠିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ଆଜି ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷ ଠାରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ କାର୍ଯରତ ସାମ୍ବାଦିକ ମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହିତ ସଂଘ ପରିଚାଳନା କରିବା ନିମନ୍ତେ ଏକ ପରିଚାଳନା କମିଟି ଗଠନ କରାଯାଇଥିବାର ଜଣା ଯାଇଛି। ସଂଘର ସଭାପତି ଭାବରେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲା, କାର୍ଯ୍ୟକାରୀ ସଭାପତି ଭାବରେ ସୌମ୍ୟରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବରେ ଦୀପକ କୁମାର ନାୟକ, ସଂଗଠନ ସମ୍ପାଦକ ଭାବରେ ରାଜକିଶୋର ଦାସ, ଉପସଭାପତି ଭାବରେ ଅଭିଜିତ ମହାନ୍ତି, ଦୋଳଗୋବିନ୍ଦ ବାରିକ ଓ ମାନସ କୁମାର ବେହେରା, ଯୁଗ୍ମ ସମ୍ପାଦକ ଭାବରେ ପ୍ରିୟବ୍ରତ ମିଶ୍ର, ସୁବ୍ରତ ପ୍ରଧାନ, ସନ୍ତୋଷ ବରଜ, ସଞ୍ଜୟ ବାରିକ , କୋଷାଧ ଭାବରେ ଅକ୍ଷୟ କୁମାର ଅଗ୍ରୱାଲା, କାର୍ଯ୍ୟକାରୀ କମିଟିର ସଦଶ୍ୟ ଭାବରେ ଲକ୍ଷ୍ମଣ କୁମାର ଜେନା, ସୁକୁମାର ପ୍ରଧାନ, ଅସୀତ କୁମାର ଗିରି, ରାମ ଚନ୍ଦ୍ର ଦାସ, ମନୋଜ କୁମାର ପଣ୍ଡା, ନିଳାଦ୍ରି ବିହାରୀ ଦଣ୍ଡପାଟ, ରୁପମ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିବା ବେଳେ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, କବି ବିଷ୍ଣୁ ଶତପଥି ଓ ରଞ୍ଜନ କୁମାର ଦାସଙ୍କୁ ନେଇ ଏକ ଶୃଙ୍ଖଳା କମିଟି ଗଠନ କରାଯାଇଥିବାର ଜଣା ଯାଇଛି। ସେହିପରି ମିଡିଆ କୋର୍ଡିନେଟର ଭାବରେ ସୁବ୍ରତ କୁମାର ଦାସ, ପ୍ରଭାସ କୁମାର ସାହୁ ଓ ରାଜ ଗୁପ୍ତାଙ୍କୁ ମନୋନୀତ କରାଯାଇଛି। ସଂଘର ଉପଦେଷ୍ଟା ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଓ ସଦଶ୍ୟ ପଦବୀ ଆଗାମୀ ଦିନରେ ଚୟନ କରାଯିବ ବୋଲି ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିବାର ଜଣା ଯାଇଛି। ଏହି ସଂଘ ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟାଳୟ ବାରିପଦାର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ ଗଠନ କରାଯାଇଥିବା ବେଳେ, ଆଗାମୀ ଦିନରେ ଜିଲ୍ଲାର ୪ଟି ସବଡିଭିଜନ ତଥା ସମସ୍ତ ୨୬ଟି ଯାକ ବ୍ଲକର ସାମ୍ବାଦିକ ମାନଙ୍କୁ ସଂଗଠିତ କରାଯାଇ ସଂଘର ପୂର୍ଣ୍ଣାଙ୍ଗ ସଂଯୋଜନା କରାଯିବ ବୋଲି ସର୍ବସମ୍ମତି କ୍ରମେ ସିଧାନ୍ତ ଗ୍ରହଣ କରାଯାଇଛି।

# ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ପାଳିତ



ଧାମନଗର,୦୪/୦୩ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଅପନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୁରଲିଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କମିଟି କର୍ମକର୍ତ୍ତା ଓ ଛାତ୍ର- ଛାତ୍ରୀମାନେ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ଶିକ୍ଷାକମିଟି ସଭାପତି ସେକ୍ ଜାଫର ଅଲ୍ଲୀ, ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ପ୍ରାଣବନ୍ଧୁ ନାୟକ, ସସ୍ମିତା ଦାସ, ଅଭିମନ୍ୟୁ ଶଙ୍ଖୁଆ, ବଟକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ଧୂଷୁରୀ ମୁରଲିଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ନିରାପତା ଓ ସୁରକ୍ଷା ଦିବସ ପାଳନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧୂଷୁରୀ କ୍ଲଷ୍ଟର ସିଆରସିସି ତୃପ୍ତି ରଂଜନ ବିଶ୍ୱାଳ, ଶିକ୍ଷକ ଅଶୋକ କୁମାର ଦାସ, ଅଭୟ କୁମାର ବେହେରା, ସତ୍ୟବ୍ରତ ରାଉତ, ସୌମ୍ୟା ସୁରଚିତା ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ପ୍ରିଦର୍ଶନୀ, ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ସ୍ମୃତିରଂଜନ ଦାସ ସାଇସିପ୍ରା ମହାପାତ୍ର, ହରପ୍ରିୟା ପଣ୍ଡା, ସଂଜିତ କୁମାର ବାରିକ, ସ୍ନେହାରାଣୀ ନାୟକ, ତୁଳସି ତରାଇଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ,୦୪/୦୩ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଡେମୋନ୍‌ଷ୍ଟ୍ରେଟର ବିଷ୍ଣୁ ମୋହନ ସମାଲଙ୍କ ଅବସର ଅବକାଶରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଓଡ଼ିଆ ବିଭାଗର ମୁଖ୍ୟ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ତୀର୍ଥବାସୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀଯୁକ୍ତ ସାମଲଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ। ଅଧାପିକା ଅନନ୍ୟା ଅସ୍ମିତା, ଅନୀତା ଦଳେଇ, ଅଧାପକ ମନୋଜ ସାହୁ, ଭବେଶ ସ୍ୱାଇଁ, ଅଶୋକ ନାୟକ ପ୍ରମୁଖ ତାଙ୍କ ବକ୍ତବ୍ୟରେ ବିଷ୍ଣୁ ମୋହନଙ୍କ ସହିତ ଅତିବାହିତ ସମୟର ରୋମନ୍ଥନ କରିଥିଲେ। ଅନ୍ୟମାନଙ୍କ ମଧରେ ଆରତୀ ଜେନା, ଜ୍ୟୋତ୍ସ୍ନା ଲେଙ୍କା, ଶୁଭଶ୍ରୀ ରାୟ ପ୍ରମୁଖ ଅଧାପିକା ବକ୍ତବ୍ୟ ରଖିଥିଲେ। ଅଧାପିକା ଅନିତାରାଣି ବାରିକ, ସଂଘମିତ୍ରା ଦାସ. ଗୀତାଞ୍ଜଳି ସାହୁ, ପ୍ରିୟଦର୍ଶିନୀ ସାହୁ, ଅଧାପକ ରାଜେଶ ପାହାରୀ, ଜଗନ ଟୁଡୁ, ବରିଷ୍ଠ କିରାଣୀ ସନ୍ତୋଷ ମହାପାତ୍ର, କୈଳାସ ବେହେରା, ପ୍ରଫୁଲ୍ଲ ରାଉତ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିବା ସହିତ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀଯୁକ୍ତ ସାମଲଙ୍କ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତର ଅତ୍ୟନ୍ତ ଭାବଗର୍ଭକ ଓ ପରିବେଶକୁ ଶୋକାର୍ତ୍ତ କରିଥିଲା। ଶେଷରେ ଅଧାପିକା ଭାଗ୍ୟଲକ୍ଷ୍ମୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏ ଜୁନିୟର ଆନ୍ତଃକ୍ଲବ ଫାଇନାଲରେ ପାରାଦୀପ କ୍ରିକେଟ ଏକାଡେମି ଓ ପୋର୍ଟ କ୍ଲବ ଅର୍ପିତ ସତ୍ୟମଙ୍କ ଚିତାକର୍ଷକ ଶତକ




ପାରାଦ୍ୱୀପ,୦୪/୦୩ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ୍(ଓସିଏ) ପକ୍ଷରୁ ଆୟୋଜିତ ଜୁନିୟର ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଚାଲୁଥିବା ତୃତୀୟ ଦିବସରେ ପାରାଦୀପ କ୍ରିକେଟ ଏକାଡେମି ଓ ଡାଇମଣ୍ଡ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା । ପାରାଦୀପ କ୍ରିକେଟ ଏକାଡେମି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ଓଭରରେ ୫ୱିକେଟ ହରାଇ ୩୪୪ରନ୍ କରିଥିଲା । ଏକାଡେମି ପକ୍ଷରୁ ଅର୍ପିତ୍ ସତ୍ୟମ ମହାନ୍ତି ଚିତାକର୍ଷକ ବ୍ୟାଟିଂ କରି ୧୦୭ବଲରେ ୧୨୦ରନ୍ ସହିତ ୯ଓଭର ବୋଲିଂ କରି ୩ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହାର ଜବାବରେ ଡାଇମଣ୍ଡ କ୍ରିକେଟ କ୍ଲବ ୪୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୮ରନ୍ କରି ପରାଜୟ ବରଣ କରିଥିଲା । ତେବେ ଦ୍ୱିତୀୟ ଗ୍ରୁପ ମ୍ୟାଚରେ ପାରାଦୀପ ପୋର୍ଟ କ୍ଲବ ବ୍ଲଷ୍ଟାର କ୍ଲବକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଆସନ୍ତା କାଲି ପାରାଦୀପ କ୍ରିକେଟ ଏକାଡେମି ସହିତ ପାରାଦୀପ ପୋର୍ଟ କ୍ଲବ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଓସିଏ ସଭ୍ୟ ରବିନ୍ଦ୍ର କୁମାର ଦାସଙ୍କ ଠାରୁ ପ୍ରକାଶ ।

# ବନ୍ଦ ହେବାକୁ ଯାଉଥିବା ୧୦ ବିଦ୍ୟାଳୟ ଛାତ୍ରଛାତ୍ରୀ ହେଲେ ଏକାଠି

## ବ୍ଲକ ପରିସର ହେଲା ପାଠଶାଳା : ଅଭିନବ ଉପାୟରେ ସରକାରଙ୍କୁ ଚ୍ୟାଲେଞ୍ଜ




ଜଳେଶ୍ୱର, ୪/୩ (ନି.ପ୍ର) : ଶିକ୍ଷା ବିଭାଗର ନୂତନ ନିତୀ ଅନୁଯାୟୀ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବାର ନିଷ୍ପତ୍ତି ହୋଇଛି । ଏହି ଅନୁଯାୟୀ ଜଳେଶ୍ୱର ବ୍ଲକର ୧୦ଟି ବିଦ୍ୟାଳୟ ବନ୍ଦ ହେବ ବୋଲି ଜଳେଶ୍ୱର ବିଇଓଙ୍କ ପକ୍ଷରୁ ଜଣାଇ ଦିଆଯାଇଛି । ଏହି ନିଷ୍ପତ୍ତିକୁ ବିରୋଧ କରି ଆଜି ବୁଧବାର ଜଳେଶ୍ୱର କଂଗ୍ରେସ ହାବାହକତ୍ୱରେ ଓଡିଶା ଅଭିଭାବକ ସଂଘ ପକ୍ଷରୁ ୪ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷାଦାନ ଦିଆଯାଇଛି । ଏପରିକି ମଧ୍ୟାହ୍ନ ଭୋଜନ ମଧ୍ୟ ଛାତ୍ରଛାତ୍ରୀମାନେ ଖାଇଥିବାର ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ କରୁଥିବା ବେଳେ ସେମାନଙ୍କ ଅଭିଭାବକମାନେ ସ୍ୱଳ୍ପ ଦୂରରେ ଧାରଣାରେ ବସିଥିଲେ । ଜଳେଶ୍ୱର ବ୍ଲକର ଭାଦା-ଚକବିଷ୍ଣୁ, ଚକ୍ରଡା, ପ୍ରିୟବାଗ, ବାଉଁଶବଣି ସ୍କୁଲର ଛାତ୍ରଛାତ୍ରୀମାନେ ବ୍ଲକ ସମ୍ମୁଖରେ ବସି ପାଠ ପଢିଥିଲେ । ପୂର୍ବତନ ହାଇସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାର୍ଥନା ପରେ ଉପସ୍ଥାନ ନେଇଥିଲେ । ରାଜ୍ୟ ଅଭିଭାବକ ସଂଘର ଉପଦେଷ୍ଟା ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ସୁଦର୍ଶନ ଦାସ ଛାତ୍ରଛାତ୍ରୀଙ୍କୁ ପରିବେଶ ସମ୍ପର୍କରେ ଶିକ୍ଷାଦାନ ଦେଇଥିଲେ । ପୂର୍ବତନ କଲେଜ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଛାତ୍ରଛାତ୍ରୀଙ୍କୁ ରାଇବଣିଆ ଦୁର୍ଗର ଐତିହ୍ୟ, ଇତିହାସ ସଂପର୍କରେ ଶିକ୍ଷାଦାନ ଦେଇଥିଲେ । ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ , ପୂର୍ବତନ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ, କମଳ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଥିଲେ । ପରେ ମଧ୍ୟହ୍ନ ଭୋଜନ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା । ଜଳେଶ୍ୱର ବିଡିଓ ଦୀପ୍ତିରଂଜନ ସେଠୀଙ୍କ ସହ ରାଜ୍ୟ ଅଭିଭାବକ ସଂଘର ଉପରୋକ୍ତ ବ୍ୟକ୍ତି ମାନଙ୍କ ସହିତ ଆଲୋଚନା ହୋଇଥିଲା । ଆଲୋଚନାରେ ଜଳେଶ୍ୱର ବିଇଓ ବିରଞ୍ଚିନ ଦାସ ମହାପାତ୍ର ପହଞ୍ଚି ସରକାରଙ୍କ ଗାଇଡ ଲାଇନ୍ ଅନୁଯାୟୀ ବିଦ୍ୟାଳୟ ଗୁଡିକୁ କାରଣ ଦର୍ଶାଅ ଚିଠି ଦେବା ସହିତ ଅନ୍ୟ କେତେକ ତଦନ୍ତ ଚାଲିଥିବା କହିଥିଲେ। ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଗାଇଡ ଲାଇନ୍ ଅନୁଯାୟୀ ରହିଥିଲେ ସେ ବିଦ୍ୟାଳୟ ବନ୍ଦ ହେବ ନାହିଁ ବୋଲି କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟ ସରକାର ଏସଇବିସି ଓ....

ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୀର୍ଘ ଦିନର ଦାବୀ ତଥା ଓବିସିଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏବଂ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ଏସ୍‌ଓବିସି ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଛନ୍ତି । ଦେଶର ଅନେକ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିବା ବେଳେ କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ବିହାର ଆଦି ରାଜ୍ୟ ସେସବୁ ରାଜ୍ୟ ଗୁଡିକରେ ଏହି ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ଭାଗ କାରଣରୁ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ଜାତିଙ୍କ ପାଇଁ ଅଧିକ ପ୍ରତିଶତ ସଂରକ୍ଷଣ ଦେବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ଓଡ଼ିଶାରେ ପାଖାପାଖି ୨୧୦ଟି ସମୁଦାୟକୁ ଏସଇବିସି ବର୍ଗରେ ଚିହ୍ନଟ କରାଯାଇଛି। ଯାହାର ବିଜ୍ଞପ୍ତି ୧୯୯୩ ମସିହାରୁ ଆରମ୍ଭ କରି ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇଛି। କେନ୍ଦ୍ର ସରକାରଙ୍କ ପାଖରେ ଗୋଟିଏ ଓବିସି ତାଲିକା ରହିଥିବା ବେଳେ ରାଜ୍ୟ ପାଖରେ ମଧ ଏସଇବିସି ତାଲିକା ରହିଛି। ରାଜ୍ୟ ସରକାର ନିଜସ୍ୱ ଏସଇବିସି ତାଲିକା ଏବଂ କେନ୍ଦ୍ରର ଓବିସି ତାଲିକାକୁ ନେଇପାରିବେ ଯାହା ଶିକ୍ଷା ଏବଂ ରୋଜଗାର କ୍ଷେତ୍ରରେ ସଂରକ୍ଷଣ ଯୋଗାଇବା ପାଇଁ ଉପଯୋଗୀ ହୋଇପାରିବ। ତେଣୁ ବହୁସଂଖ୍ୟକ ସମାଜକୁ ଏହି ସାମ୍ବିଧାନ ଅଧିକାର ପାଇବାରୁ ବଂଚିତ କରାନଯାଉ। ସମ୍ବିଧାନର ଧାରା ୧୫(୪) ଓ ୧୬(୪) ଅଧୀନରେ ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା ଥିଲେ ମଧ ଓଡିଶା ସରକାର ସଂରକ୍ଷଣ ବ୍ୟବସ୍ଥା କରୁନାହାନ୍ତି। ଏହା ରାଜନୈତିକ ପ୍ରସଙ୍ଗ ନୁହେଁ, ସାମାଜିକ, ସାମାଜିକ ନ୍ୟାୟ, ସାମାଜିକ ସଶକ୍ତିକରଣ ଓ ସାମାଜିକ ସମରସତାର ପ୍ରସଙ୍ଗ। ତେଣୁ ମୁଖ୍ୟମନ୍ତ୍ରୀ ରାଜନୈତିକ ବାଦବିବାଦରୁ ବାହାରକୁ ଯାଇ ଏସଇବିସି ଓ ଓବିସି ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ସାମ୍ବିଧାନିକ ଅଧିକାର ପ୍ରଦାନ କରନ୍ତୁ। ଏହା ଦ୍ୱାରା ସମାଜରେ ସାମାଜିକ ଓ ଆର୍ଥିକ ବୈଷମ୍ୟତା ଦୂର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଆଜି ସବୁ ନିର୍ବାଚନ ମଣ୍ଡଳୀରେ....

ନବୀନ ପଟ୍ଟନାୟକ ଫରେଷ୍ଟ ପାର୍କ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କଟକସ୍ଥିତ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନ ଠାରୁ ଭୁବନେଶ୍ୱର ବିମାନ ବନ୍ଦର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତି ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ ଯାତ୍ରା ଆୟୋଜିତ ହେବ। ଏହି ସାଇକେଲ ଶୋଭାଯାତ୍ରାରେ ହଜାର ହଜାର ଯୁବ ଛାତ୍ର ଯୋଗ ଦେଇ ୧୯୩୨ ମସିହାରେ ବିଜୁବାବୁଙ୍କ କଟକରୁ ପେଶୱାର ପର୍ଯ୍ୟନ୍ତ ୪୫୦୦ ମାଇଲ୍ସ ଦୁଃସାହସିକ ସାଇକେଲ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିବେ। ଶୁକ୍ରବାର ସକାଳ ୬ଟାରେ କଟକ ଆନନ୍ଦଭବନ ଠାରୁ ଏହି ସାଇକେଲ ଯାତ୍ରା ବାହାରି ଯୋବ୍ରା ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। ସେଠାରୁ ଶିଖରପୁର, ପ୍ରେସ୍ ଛକ , ନଖରା, ପଳାଶୁଣି, ରସୁଲଗଡ, ବାଣୀବିହାର, ରାମମନ୍ଦିର, ପ୍ରଦର୍ଶନୀ ପଡିଆ , ହାଉସିଂ ବୋର୍ଡ ଛକ , ପିଏମଜି , ଏଜି ଛକ ପରେ ଭୁବନେଶ୍ୱର ଏୟାରପୋର୍ଟରେ ପହଂଚି ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆସନ୍ତାକାଲିଠାରୁ ଅପ୍ରେଲ ୧୭ ତାରିଖ ପର୍ଯ୍ୟନ୍ତ ବିଜୁ ଯୁବଛାତ୍ରଜନତା ଦଳ ଆନୁକୁଲ୍ୟରେ ଓଡିଶା ମୋ ପରିବାର -ଜୀବନ ବିନ୍ଦୁ ରକ୍ତଦାନ ଶିବିରର ଆୟୋଜନ କରାଯିବ। ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଓ ଛାତ୍ର ବିଜେଡି ସଭାପତି ଦେବୀ ରଂଜନ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

## ଶିବରାତ୍ରି ଦିନ ନନ୍ଦୀଗ୍ରାମରୁ ....

ଆରମ୍ଭ ହୋଇଛି ପ୍ରସ୍ତୁତି । ନନ୍ଦୀଗ୍ରାମ କ୍ଷେତ୍ରରେ ଦଳ ତା'ର ଅସ୍ଥାୟୀ ପାର୍ଟି ଅଫିସ ସହ ନିର୍ବାଚନ ପରିଚାଳନା ପାଇଁ ଏକ ନିର୍ବାଚନ କାର୍ଯ୍ୟାଳୟ ଖୋଲିଛି । ମାର୍ଚ୍ଚ ୧୦ ତାରିଖରେ ମମତା ବାନାର୍ଜୀ ମେଦିନାପୁରର ହଲଦିଆ ଠାରେ ପହଂଚିବେ । ରାତିରେ ଦଳୀୟ କର୍ମୀଙ୍କ ସହ ବୈଠକ କରିବା ସହ ସକାଳେ ନନ୍ଦୀଗ୍ରାମ ଯିବେ ବୋଲି ଜଣାପଡିଛି । ଏହି ଖବର ପ୍ରସାରିତ ହେବା ପରେ ତୃଣମୂଳ ଛାଡି ବିଜେପିରେ ଯୋଗ ଦେଇଥିବା ଶୁଭେନ୍ଦୁ ଅଧିକାରୀ କହିଛନ୍ତି କି ପାର୍ଟି ମୋତେ ନନ୍ଦୀଗ୍ରାମରୁ ଟିକେଟ୍ ଦେଉ କି ନ ଦେଉ ହେଲେ ନନ୍ଦୀଗ୍ରାମରେ ମମତାଙ୍କୁ ହରାଇବା ଦାୟିତ୍ୱ ମୋର । ଅନ୍ୟପଟେ ବାମମେଣ୍ଟ ନନ୍ଦିଗ୍ରାମ ଆସନକୁ ଆଇଏସଏଫକୁ ଦେଇଛି । କୁହାଯାଉଛି କି ଏଥର ନିର୍ବାଚନରେ ନନ୍ଦିଗ୍ରାମ ଆସନ ରାଜ୍ୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

## ଅନୁରାଗ କଶ୍ୟପ ଓ ତାପସୀ ପନ୍ନୁଙ୍କ ଘରେ....

ସାମାଜିକ କାର୍ଯ୍ୟକର୍ତ୍ତା, ସାମ୍ବାଦିକ ଓ କଳାକାରଙ୍କ ପଛରେ ପଡିଯାଇଛନ୍ତି । ଯାହା ନିନ୍ଦନୀୟ ବୋଲି ସେ କହିଛନ୍ତି । କହିରଖୁ କି ଚଳଚିତ୍ର ନିର୍ଦ୍ଦେଶକ ଅନୁରାଗ କଶ୍ୟପ ଓ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ମୁମ୍ବାଇ ଓ ପୁଣେ ସ୍ଥିତ ବାସଭବନରେ ଆୟକର ବିଭାଗର ଏକ ଟିମ୍ ଚଢାଉ କରିଛି । ସୂଚନା ମୁତାବକ ଟ୍ୟାକ୍ସ ଚୋରୀ ମାମଲାରେ ଏହି ଚଢାଉ କରାଯାଇଛି । ଆୟକର ବିଭାଗର ସୂଚନା ମୁତାବକ ଏନେଇ ୩୦ ଟି ସ୍ଥାନରେ ଚଢାଉ କରାଯାଇଛି । ଯାହାକି ଆୟକର ବିଭାଗ ଆଇନର ଅଧିନିୟମ ୧୩୨ ଅନୁଯାୟୀ କରାଯାଇଥିବା କୁହାଯାଇଛି । ଏହି ଚଢାଉକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ଆୟକର ବିଭାଗକୁ ଯାହା ବିରୋଧରେ ସୂଚନା ମିଳିବ ସେ ଯାଂଚ କରିବ । ଏହାସହ ଏହି ମାମଲା କୋର୍ଟକୁ ଆସିବ । କହିରଖୁ କି ଅନୁରାଗ କଶ୍ୟପ ଓ ତାପସୀ ପନ୍ନୁ ବିଭିନ୍ନ ସମୟରେ ସରକାରଙ୍କ ବିରୋଧରେ ମନ୍ତବ୍ୟ ଦେଉଛନ୍ତି । ତେଣୁ ଉର୍ଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ବିଭିନ୍ନ ବିରୋଧୀଦଳର ନେତାମାନେ ମତ ଦେଇଛନ୍ତି ।

## କେନ୍ଦ୍ରାପଡାରେ ଷ୍ଟିଲ୍....

ଦୂରଦୃଷ୍ଟିସଂପନ୍ନ ଶିଳ୍ପନୀତି, ସହଜ ପ୍ରକ୍ରିୟା ଏବଂ ସୁଦୃଢ଼ ଭିତିଭୂମିକ ବିକାଶ ଯୋଗୁ ଓଡ଼ିଶା ଆଜି ଦେଶରେ ଶ୍ରେଷ୍ଠ ଆକର୍ଷଣୀୟ ପୁଂଜିନିବେଶ ଲକ୍ଷ୍ୟସ୍ଥଳ ଭାବେ ସଫଳତାର ସହ ଉଭା ହୋଇଛି । ଓଡ଼ିଶା ସରକାରଙ୍କ ସହଯୋଗରେ କେନ୍ଦ୍ରାପଡ଼ାଠାରେ ଏକ ସମନ୍ୱିତ ଷ୍ଟିଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରି ବହୁତ ଆନନ୍ଦିତ ବୋଲି ଉଲ୍ଲେଖ କରି ଶ୍ରୀ ମିତଲ କହିଛନ୍ତି ଯେ ଓଡ଼ିଶାରେ ଆର୍ସେଲର ମିତଲ ନିପନ ଷ୍ଟିଲ୍ ର ପାରାଦୀପଠାରେ ଥିବା ୬ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ପେଲେଟାଇଜେସନ୍ ପ୍ଲାଂଟ ସହିତ ଏହାର କ୍ଷମତା ୧୨ ଏମ୍‌ଟିପିଏକୁ ବୃଦ୍ଧି ପାଇବ ଏବଂ କେଉଁଝରଠାରେ ଥିବା ଲାଭକାରୀ କମ୍ପ୍ଲେକ୍ସ ଏବଂ ସ୍ଲରି ପାଇପଲାଇନ୍ ପୂର୍ବରୁ କାର୍ଯ୍ୟକ୍ଷମ ଅଛି । ସେ ପୁଣି କହିଛନ୍ତି ଯେ ଓଡ଼ିଶାର ସରକାରଙ୍କ ତ୍ୱରିତ କାର୍ଯ୍ୟପ୍ରଣାଳିରେ ସେ ବହୁତ ଆନନ୍ଦିତ, ଯାହା ତାଙ୍କର ବିଶ୍ୱବ୍ୟାପୀ ଅଭିଜ୍ଞତା ଆଧାରରେ ସର୍ବଶ୍ରେଷ୍ଠ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଆର୍ସେଲର ମିତଲ ନିପନ ଷ୍ଟିଲ୍, ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ଓମେନ୍ ଙ୍କ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଶ୍ରୀ ମିତଲ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ।

## ବାଲେଶ୍ୱରରେ ବେଙ୍ଗଲ....

ନଦୀ ନିକଟସ୍ଥ ଦକ୍ଷିଣ ପ୍ରହରାଜପୁର, ବେହେରା ସାହି, କୁଆଁରପୁର, ମାଙ୍କଡିଆ, ଓଲମାରାର ଉର୍ବର ଜମିରୁ ମାଫିଆମାନେ ମାଟି ଖୋଳି ନେଉଛନ୍ତ । ମାଟି ବିକି ମାଫିଆ ଲାଲେ ଲାଲ୍ ହେଉଥିବା ବେଳେ ସହଯୋଗ କରୁଥିବା ଦଲାଲଙ୍କ ମଧ ପକେଟ୍ ଗରମ କରୁଛନ୍ତି । ସ୍ଥାନୀୟ ଲୋକ ଏହି ବେଆଇନ୍ କାମର ପ୍ରତିବାଦ କଲେ ଦଲାଲମାନେ ସେମାନଙ୍କୁ ଆକ୍ରମଣ କରୁଥିବା ମଧ ଅଭିଯୋଗ ହୋଇଛି । ଗତ କିଛି ଦିନ ତଳେ ଦକ୍ଷିଣ ପ୍ରହରାଜପୁର ଗାଁର ଗଙ୍ଗାଧର ଘୋଷଙ୍କ ଜମିରୁ ମାଟି ଖୋଳା ହେଉଥିବା ବେଳେ ପ୍ରତିବାଦ କରିଥିଲେ ତାଙ୍କ ପୁଅ ଅଶୋକ । ହେଲେ ଦଲାଲ ଏବଂ ମାଫିଆମାନେ ତାଙ୍କୁ ସଂଘବଧ ଆକ୍ରମଣ କରିଥିଲେ । ଏନେଇ ସେ ରାଇବଣିଆ ଥାନାରେ ଏତଲା ମଧ ଦାଏର କରିଥିଲେ ହେଲେ ପୋଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ।

## ଧବଳେଶ୍ୱର ପୀଠରେ ....

ଏବେ ପୁଣି କରୋନା ଲେଉଟି ଥିବାରୁ ଏହାକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ତେବେ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ଚଳିତ ବର୍ଷ କୋଭିଡ୍ କଟକଣାକୁ ମାନି ଶିବରାତ୍ରୀ ପାଳନ ହେବ ବୋଲି କିଛି ଦିନ ପୂର୍ବେ ଗଣମାଧମକୁ ସୂଚନା ଦେଇଥିଲେ ବିଏମସି କମିଶନର । ସାମାଜିକ ଦୂରତା, ମାସ୍କ ପିନ୍ଧିବା ଓ ବୟସ୍କ ଲୋକଙ୍କୁ ମନ୍ଦିର ବାରଣ ସହିତ ଏଥର ଲିଙ୍ଗରାଜ ମନ୍ଦିରରେ ଶିବରାତ୍ରୀ ପାଳନ ହେବ ବୋଲି ସେ କହିଥିଲେ ।

# କରୋନାକୁ ହରାଇଲେଣି ୩୩୪୮୩୮

ଭୁବନେଶ୍ୱର,୦୪/୦୩ (ନି.ପ୍ର): ରାଜ୍ୟରୁ ଗତ ୨୪ଘଂଟା ମଧରେ ଆଉ ୭୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୩୪୮୩୮କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି। ସୂଚନା ଅନୁଯାୟୀ ଗୁରୁବାର ଦିନ ଖୋର୍ଦ୍ଧାରୁ ସର୍ବାଧିକ ୧୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ବରଗଡ଼ରୁ ୮ଜଣ, ସମ୍ବଲପୁରରୁ ୮ଜଣ, କଟକରୁ ୭ଜଣ, ବଲାଙ୍ଗୀରରୁ ୬ଜଣ, ସୁନ୍ଦରଗଡ଼ରୁ ୫ଜଣ, ଦେବଗଡ଼ରୁ ୪ଜଣ, ଯାଜପୁରରୁ ୪ଜଣ, ଝାରସୁଗୁଡ଼ାରୁ ୩ଜଣ, ମୟୂରଭଞ୍ଜରୁ ୩ଜଣ, ବାଲେଶ୍ୱରରୁ ୨ଜଣ, ରାୟଗଡ଼ାରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଅନୁଗୁଳରୁ ଜଣେ, ଭଦ୍ରକରୁ ଜଣେ, ବୌଦ୍ଧରୁ ଜଣେ, କେନ୍ଦ୍ରାପଡ଼ାରୁ ଜଣେ, ପୁରୀରୁ ଜଣେ, ସୁବର୍ଣ୍ଣପୁରରୁ ଜଣେ ଓ ଷ୍ଟେଟପୁଲରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ସୁବର୍ଣ୍ଣରେଖାରୁ ବ୍ୟାପକ ଚୋରା ବାଲି ଚାଲାଣ

ଜଳେଶ୍ୱର, ୪/୩ (ନିପ୍ର) : ସୁବର୍ଣ୍ଣରେଖା ନଦୀର ବିଭିନ୍ନ ଅଂଚଳରୁ ବେଆଇନ୍‌ଭାବେ ବ୍ୟାପକ ଚୋରା ବାଲି ଚାଲାଣ ହେଉଥିବା ବେଳେ ଜଳେଶ୍ୱର ତହସିଲର ଏନ୍‌ଫୋର୍ସମେଣ୍ଟ ଟିମ୍ ଗୋଡାଇ ଧରିବାକୁ ଚେଷ୍ଟା କରୁଥିବା ବେଳେ ଡମ୍ଫରର ଡ୍ରାଇଭର ଜଣେ ଆର୍‌ଆଇଙ୍କୁ ଚପାଇ ମାରିବାକୁ ଉଦ୍ୟମ କରିଥିବା ଜଣାଯାଇଛି । ଅନ୍ୟପକ୍ଷରେ ଆର୍ ଆଇ ଜଣକ ଗୁରୁତର ହୋଇ ଜିକେ ଭଞ୍ଜର ହସ୍‌ପିଟାଲରେ ଚିକିତ୍ସିତ ଥିବାର ଜଣା ଯାଇଛି । ଏନ୍‌ଜିଟିର ଛାଟ ପରେ ରାଜ୍ୟ ଓ ଜିଲା ପ୍ରଶାସନର ଚାପ ଯୋଗୁଁ ଜଳେଶ୍ୱର ତହସିଲରେ ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପ୍ରତିଦିନ ଚଢାଉ ଜାରି ରହିଛି । ତଥାପି ବାଲି ମାଫିଆମାନେ ବିଭିନ୍ନ ଉପରେ ବେଆଇନ୍ ଚୋରା ବାଲି ପଶ୍ଚିମ ବଂଗକୁ ନେବାରେ ସକ୍ଷମ ହେଉଛନ୍ତି । ଆଜି ଅପରାହ୍ନରେ ଅତିରିକ୍ତ ତହସିଲଦାର ଶ୍ରୀ ହେମ୍ବ୍ରମ, ଆର୍ ଆଇ ଦିଲ୍ଲିପ ଚାନ୍ଦ, ତହସିଲ କର୍ମଚାରୀ ଶିବନାରାୟଣ ଭଂଜ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସୁବର୍ଣ୍ଣ;ରେଖା ନଦୀରୁ ବାଲି ନେଇ ଯାଉଥିବା ୨ଟି ଡମ୍ଫରକୁ ଗୋଡାଇ ଓଡିଶା-ପଶ୍ଚିମବଗ ବୋର୍ଡର ଆୟଲିଅଠା ଛକ ନିକଟରେ ଡମ୍ଫରକୁ ଧରିବାକୁ ଚେଷ୍ଟା କରିଥିଲେ । ଡମ୍ଫର ନଂ ଓଡି୦୧ଏଜେ୫୧୧୩ ଓ ଡବ୍ଲୁବି୩୩ବି୮୨୨୯କୁ ଅଟକୁ ଥିବା ବେଳେ ସେମାନେ ଆର୍‌ଆଇ ଶ୍ରୀ ଚନ୍ଦ୍ରଙ୍କ ଉପରକୁ ମାଡି ଯାଇଥିଲେ । ଫଳରେ ସେ ଅଳ୍ପକେ ର'। ପାଇଥିଲେ ମଧ୍ୟ ତାଙ୍କ ଡାହାଲ ଗୋଡ ପାପୁଲି ଉପରେ ଡମ୍ଫରଟି ମାଡି ଯାଇଥିଲା । ଏନ୍‌ଫୋର୍ସମେଣ୍ଟ ଟିମ୍ ଡମ୍ଫରକୁ ଅଟକାଇଥିବା ବେଳେ ଡ୍ରାଇଭର ସେଠାରୁ ଦୌଡି ପଳାଇ ଯାଇଥିଲେ । ସଂଗେ ସଂଗେ ଆର୍ ଆଇ ଶ୍ରୀ ଚାନ୍ଦଙ୍କୁ ଜିକେ ଭଞ୍ଜର ହସ୍‌ପିଟାଲକୁ ଆଣିବାପରେ ଡ. ଗଣେଶ ଚନ୍ଦ୍ର ପାଳ ତାଙ୍କ ଡାହାଣ ଗୋଡ ଅପେରୋସନ କରିଛନ୍ତି । ଏ ସଂପର୍କରେ ଶ୍ରୀ ହେମ୍ବ୍ରମ ଜଳେଶ୍ୱର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହି ଘଟଣା ପ୍ରଚାରିତ ହେବା ପରେ ଜଳେଶ୍ୱର ତହସିଲଦାର କ୍ଷିରୋଦ କୁମାର ପଣ୍ଡା ଓ ସମସ୍ତ ତହସିଲ କର୍ମଚାରୀ ହସ୍‌ପିଟାଲକୁ ଆସି ଶ୍ରୀ ଚାନ୍ଦଙ୍କ ଆସୁ ଆରୋଗ୍ୟ କାମନା କରିଛନ୍ତି ।

## ରାଷ୍ଟ୍ରଦୀପର ବସନ୍ତମିଳନ ଉତ୍ସବ ୭ରେ

କଟକ/ଭୁବନେଶ୍ୱର,୦୪/୦୩ (ନି.ପ୍ର): ଆସନ୍ତା ୨୦୨୧ ମାର୍ଚ୍ଚ ୭ ତାରିଖ ରବିବାର ଦିନ ସନ୍ଧ୍ୟା ୫ଘଟିକା ସମୟରେ କଟକର ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନ ଠାରେ ରାଷ୍ଟ୍ରଦୀପର ବସନ୍ତ ମିଳନ ଉତ୍ସବ-୨୦୨୧ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଷ୍ଟିଲ ମନ୍ତ୍ରାଳୟର ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ପୂର୍ବକ୍ଷେତ୍ରର କ୍ଷେତ୍ର କାର୍ଯ୍ୟବାହ ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିବେ । ଏହି ଉତ୍ସବରେ ରାଷ୍ଟ୍ରଦୀପର ବାସନ୍ତିକ ବିଶେଷାଙ୍କ ଉନ୍ମୋଚନ ହେବ ।

# ସାହସପୁରା ସମବାୟ ସମିତିରେ ଧାନକିଣାରେ ଅନିୟମିତତା

## ଜିଲ୍ଲାପାଳଙ୍କଠାରେ ଚାଷୀଙ୍କ ଫେରାଦ



ବାଲେଶ୍ୱର,୦୪/୦୩ (ନି.ପ୍ର): ସାହାସପୁରା ପ୍ରାଥମିକ କୃଷି ସମବାୟ ସମିତିର ଧାନକିଣା ଅଚଳବସ୍ଥା ସମ୍ପର୍କରେ ଚାଷୀମାନେ ଗୁରୁବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଖରିଫ ଧାନ ବିକ୍ରୟ ପାଇଁ ଏହି ସମିତି ଅଧୀନରେ ୪୨୧ ଜଣ ଚାଷୀ ଅନଲାଇନରେ ପଞ୍ଜୀକୃତ କରିଥିଲେ। ପଞ୍ଜୀକୃତ ଚାଷୀଙ୍କଠାରୁ ୨୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଥିବା ବେଳେ ଅଦ୍ୟାବଧି ୨୮୨ ଜଣ ଚାଷୀଙ୍କ ନିକଟରୁ ମାତ୍ର ୧୦ ହଜାର ୫ଶହ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଚାଷୀମାନେ କହିଛନ୍ତି। ଟୋକନ ପାଇଥିବା ଅନ୍ୟ ୧୩୯ ଜଣ ଚାଷୀଙ୍କ ସମେତ ସମସ୍ତ ଚାଷୀଙ୍କ ନିକଟରୁ ବାକି ୧୨ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ମିଲର୍ସ ଧାନ ଉଠାଇବାକୁ ନ ଆସିବା କାରଣରୁ ସମିତି କାର୍ଯ୍ୟକର୍ତ୍ତାମାନେ ଧାନ କିଣିବା ବନ୍ଦ କରିଦେଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଚାଷୀଙ୍କ ଟୋକେନ ଅବଧି ଶେଷ ହେବାକୁ ବସିଥିବା ବେଳେ ଧାନ ବିକ୍ରି କରିନପାରି ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ସେବା ସମବାୟ ସମିତି ଚାଷୀଙ୍କୁ ମିଲର୍ସ ନିକଟରେ ଧାନ ପ୍ରଦାନ ପାଇଁ ବାଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି । ଚଢ଼ା ଦରରେ ଗାଡ଼ି ଭଡା କରି ଧାନ ନେଇ ମିଲର୍ସ ନିକଟରେ ପହଞ୍ଚାଇବା ବେଳକୁ ମିଲର୍ସ ଜୋର ଜବରଦସ୍ତ କ୍ୟୁଂଟାଲ ପିଛା ୮ ରୁ ଦଶ କେଜି ଧାନ କାଟି ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗାଡ଼ି ଭଡା, ଧାନ ବୁରା, ଲୋଡିଂ ପ୍ରଭୃତି ପାଇଁ ଖର୍ଚ୍ଚ କରି ଧାନ ମିଲରେ ପହଂଚିବା ପରେ ମିଲ କର୍ତ୍ତୃପକ୍ଷ ଧାନ ଅନଲୋଡିଂ ନିମନ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଲୋଡ ଗାଡିର ଭଡା ବଢି ଚାଲିଛି । ଅନ୍ୟପକ୍ଷରେ ଧାନ ଗାଡି ଫେରାଇ ଆଣିବା ପରିବର୍ତ୍ତେ ମିଲ ମାଲିକଙ୍କ ସର୍ତ୍ତ ମାନିବାକୁ ସେମାନେ ବାଧ ହେଉଛନ୍ତି ବୋଲି ଚାଷୀମାନେ ଆରୋପ ଉଠାଇଛନ୍ତି । ଟୋକେନ ଅବଧି ବୃଦ୍ଧି ସହ ସାହସପୁରା ସେବା ସମବାୟ ସମିତି ପରିସରରେ ଅଧିକ ୧୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ପାଇଁ ଚାଷୀମାନେ ଦାବି କରିଛନ୍ତି । ନଚେତ୍ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ପ୍ରତାପ ଚନ୍ଦ୍ର ବେହେରା, କେଶବ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ପାଣିଗ୍ରାହୀ, ଶରତ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ତ୍ରିଲୋଚନ ପଣ୍ଡା, ଭାସ୍କର ଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ବେଳେ ୩ ଜେସିବି ୨ ଟ୍ରାକ୍ଟର ଜବତ

ବାଲିଆପାଳ,୦୪/୦୩ (ନି.ପ୍ର): ବାଲିଆପାଳ ତହସିଲ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ସୁବର୍ଣ୍ଣରେଖା ନଦୀପଠାର ବିଭିନ୍ନ ସ୍ଥାନରେ ଆଜକୁ କେତେମାସ ଧରି ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହୋଇ ଆସୁଥିଲା । ଏପରକି ଗତ କିଛିଦିନ ଧରି ରାଉତୁରାପୁର ଗ୍ରାମ ନିକଟରେ ପଥର ବନ୍ଧ କାଟି ଏକାଧିକ ଜେସିବି ଓ ଶହଶହ ଟ୍ରାକ୍ଟର ଲଗାଇ ବାଲି ଉତ୍ତୋଳନ କରିଆସୁଥିଲେ । ନଦୀବନ୍ଧ ଏବଂ ଗ୍ରାମପ୍ରତି ବିପଦ ଆଶଙ୍କା କରି ଗ୍ରାମବାସୀ ବାଲିଆପାଳଲ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ତହସିଲଦାର ଦୀପକ କୁମାର ଦାସ ଏହାକୁ ଗୁରୁତର ସହ ନେଇ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ଙ୍କ ନେତୃତ୍ୱରେ ଏକ ଟିମ ବାଲି ଉତ୍ତୋଳନ ହେଉଥିବା ସ୍ଥାନକୁ ଅତର୍କୀତ ଚଢାଉ କରିଥିଲେ । ଘଟଣାସ୍ଥଳରେ ୩ଟି ଜେସିବି ଏବଂ ୨ଟି ଟ୍ରାକ୍ଟରକୁ ଧରିବାରେ ସଫଳ ହୋଇଥିବା ବେଳେ ଖବର ପାଇ ଅନ୍ୟ ଟ୍ରାକ୍ଟରସବୁ ଚମ୍ପଟ ମାରିଥିଲେ । ଜେସିବି ଗୁଡିକ ବାଲିଆପାଳର ଭାସ୍କର ଚନ୍ଦ୍ର ସାହୁ ଏବଂ ପୂର୍ଣ୍ଣେନ୍ଦୁ ବାରିକଙ୍କର ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଥିବା ବେଳେ ଜୋରିମାନା ରାଶି ସ୍ଥିର ହୋଇନଥିବା କହିଛନ୍ତି । ନଦୀ ପଠାରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉତ୍ତୋଳନ ହୋଇଥିବା ବେଳେ ମୋଟାଅଙ୍କର ଜୋରିମାନା ଆଦାୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଅଗ୍ନି ବିପନ୍ନ ପରିବାରକୁ ଇଫ୍‌କୋର ସହାୟତା

ପାରାଦ୍ୱୀପ,୦୪/୦୩ (ନି.ପ୍ର): ପାରିପାର୍ଶ୍ୱିକ ଉନ୍ନୟନ ଓ ସିଏସ୍‌ଆର୍ କାର୍ଯ୍ୟ କ୍ଷେତ୍ରରେ ପାରାଦ୍ୱୀପ ଇଫ୍‌କୋ ସର୍ବଦା ଆଗରେ ରହିଛି । ବିଭିନ୍ନ ଦୈବି ଦୁର୍ବିପାକ ସମୟରେ ସର୍ବଦା ସାଧାରଣରେ ସହାୟତାର ହାତ ବଢାଇଥିବାର ନଜିର ରହିଛି । ସେହିପରି ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତରେ ଅଗ୍ନି ବିପନ୍ନ ପରିବାର ଙ୍କୁ ଇଫ୍‌କୋ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ଓ ଇଫ୍‌କୋ କର୍ମଚାରୀ ସଙ୍ଘର ସଭାପତି ସୁଭେନ୍ଦୁ ମାଝି ପାରାଦ୍ୱୀପଗଡ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଉପସ୍ଥିତିରେ ଇଫ୍‌କୋ ପକ୍ଷରୁ ଜରୁରୀକାଳିନ ସାମଗ୍ରୀ ପ୍ରଦାନ କରିଥିଲେ ।

## ଦେଶୀମଦ ୩୦ ଲିଟର ସହ ଜଣେ ଗିରଫ



ବସ୍ତା,୦୪/୦୩ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ କୁସୁଡିହା ଗ୍ରାମରେ ଗୁରୁବାର ଦିନ ବସ୍ତା ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢଉ କରି ଜୈନିକ ଯୁବକ ନିକଟରୁ ୩୦ଲିଟର ଦେଶୀମଦ ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବସ୍ତା ଥାନା ଅନ୍ତର୍ଗତ କୁସୁଡିହା ଗ୍ରାମର ପ୍ରତାପ ଚନ୍ଦ୍ର ପରିଡାଙ୍କ ପୁଅ ସରୋଜ କୁମାର ପରିଡା(୪୫) । ବସ୍ତା ଅବକାରୀ ବିଭାଗ ଓ ଆଇ ସି ଲକ୍ଷସାଧବ ପ୍ରଧାନ, ସେଖ୍ କଲିମ, ହୃଷିକେଶ ବାରିକ ଓ କୁମୁଦିନୀ ସୋ ବିଶେଷ ସୂତ୍ରରୁ ଖବରପାଇ ଚଢାଉ କରି ଗିରଫ ଅଭିଯୁକ୍ତଙ୍କ ନାମରେ ୯୬/୨୧ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରା ଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ।

## ୪ ମାସ ଧରି ସଂଗ୍ରାମ ବିଫଳ : ସର୍ପଦଂଶନରେ ଯୁବକ ମୃତ



ଜଳେଶ୍ୱର, ୪/୩ (ନି.ପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ଇକିଡା ଗାଁର ଜ୍ୟୋତିପ୍ରକାଶ ପ୍ରଧାନ (୧୮)ଙ୍କୁ ୪ମାସ ତଳେ ପ୍ରାତଃଭ୍ରମଣରେ ଗଲାବେଳେ କୌଣସି ଏକ ବିଷଧର ସର୍ପ ଦର୍ଶନ କରିଥିଲା । ତେଣୁ ସେ କଟକ ବଡଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇ ଆସୁଥିଲେ । ଗତ ବୁଧବାର ବାଲେଶ୍ୱରରୁ ଡାଇଲୋସିସ୍ ହୋଇ ଫେରିଥିଲେ ମଧ୍ୟ ରାତିରେ ଅସୁସ୍ଥ ହେବାରୁ ଜଳେଶ୍ୱର ଜିକେ ଭଞ୍ଜର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ରାତ୍ରୀ ୧୦ଟାରେ ମୃତ୍ୟୁ ଘଟିଥିଲା ।

## ବାଲିଆପାଳରେ ଗୋଟିଏ ଦିନରେ ୪୭୬ ଜଣ ବୟସ୍କଙ୍କୁ ଟୀକାକରଣ

ବାଲିଆପାଳ,୦୪/୦୩ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଗୋଟିଏ ଦିନରେ ୪୭୬ ଜଣ ବୟସ୍କଙ୍କୁ କରୋନା ଟୀକାକରଣ କରାଯାଇଛି । ୧୯୧ ଜଣ ୬୦ ରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି କୋଭିଡ ଟୀକା ନେଇଥିବାବେଳେ ୪୫ ରୁ ୫୯ ବର୍ଷର ପର୍ଯ୍ୟନ୍ତ ବୟସର ୯ ଜଣକୁ ଟୀକା ଦିଆଯାଇଛି । ଟୀକା ନେବା ପାଇଁ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର 'ର୍ମାସିଷ୍ଟ ସରୋଜ କୁମାର ଦାସ ଏବଂ ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକ୍ତର ନ୍ୟୁଶ୍ରୀ ପାଣି, ପି.ଏଚ.ଇ.ଓ ଝୁନାବାଳା ଦେ, ନର୍ସ ତୃପ୍ତିରେଖା ଦାସ, ଡାଟା ମ୍ୟାନେଜର ଜୀବନ ପାଢୀ,ଦୀପକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଟୀକା ପାଇଁ ଆସିଥିବା ସମସ୍ତ ବ୍ୟକ୍ତିମାନଙ୍କର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତପ୍ରକାର ସୁ ବନ୍ଦୋବସ୍ତ କରାଯାଇଥିଲା ।ଏହି ଟୀକାଦାନପ୍ରକ୍ରୀୟା ଚାଲୁରହହିବ ବୋଲି ଡ.ପାଣି ସୂଚନା ଦେଇଛନ୍ତି ।

## ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ପାଳିତ



ଧାମନଗର,୦୪/୦୩ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଅପନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମୁରଲିଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କମିଟି କର୍ମକର୍ତ୍ତା ଓ ଛାତ୍ର- ଛାତ୍ରୀ ମାନେ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ଶିକ୍ଷାକମିଟି ସଭାପତି ସେକ୍ ଜାଫର ଅଲ୍ଲୀ, ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ପ୍ରାଣବନ୍ଧୁ ନାୟକ, ସସ୍ମିତା ଦାସ, ଅଭିମନ୍ୟୁ ଶଙ୍ଖୁଆ, ବଟକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ଧୂଷୁରୀ ମୁରଲିଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ନିରାପତା ଓ ସୁରକ୍ଷା ଦିବସ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧୂଷୁରୀ କ୍ଲଷ୍ଟର ସିଆରସିସି ତୃପ୍ତି ରଂଜନ ବିଶ୍ୱାଳ, ଶିକ୍ଷକ ଅଶୋକ କୁମାର ଦାସ, ଅଭୟ କୁମାର ବେହେରା, ସତ୍ୟବ୍ରତ ରାଉତ, ସୌମ୍ୟା ସୁରଚିତା ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ପ୍ରିଦର୍ଶନୀ, ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ସ୍ମୃତିରଂଜନ ଦାସ ସାଇସିପ୍ରା ମହାପାତ୍ର, ହରପ୍ରିୟା ପଣ୍ଡା, ସଂଜିତ କୁମାର ବାରିକ, ସ୍ନେହାରାଣୀ ନାୟକ, ତୁଳସି ତରାଇଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାଲିଆପାଳର ଚାରି ଶିକ୍ଷକଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ



ବାଲିଆପାଳ,୦୪/୦୩(ନି.ପ୍ର): ୨୦୧୧ ଜନଗଣନା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଆପାଳର ଚାରିଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି ।ବାଲିଆପାଳ ବ୍ଲକ ସିମୁଳିଆ ସରକାରୀ ଉ.ପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ନିତାଇ ଚରଣ ରାଉଳ,ଇକଡପାଳ ଉ.ପ୍ରା ବିଦ୍‌ଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ପାତ୍ର,ତାପୁଣ୍ଡିଆ ନୋଡାଲ ହାଇସ୍କୁଲର ସହକାରୀ ଶିକ୍ଷକ ପରମାନନ୍ଦ ଦେ, ଗୋବିନ୍ଦପୁର ଚକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମିଳନ କୁମାର ମହାନ୍ତି ଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ବାଲେଶ୍ୱର ସଦଭାବନା ଗୃହରେ ଏକ କାର୍ଯ୍ୟକ୍ରମରେ ବ୍ରୋଞ୍ଜ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ନିଳଗିରି ଉପଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନା, ତତକାଳୀନ ବାଲେଶ୍ୱର ଡେପୁଟି କଲେକଟର ମନୋରମା ଭୂୟାଁ, ବାଲେଶ୍ୱର ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ ।ଏହି ପୁରସ୍କାର ପାଇଥିବାରୁ ଉପରୋକ୍ତ ଚାରିଜଣ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

## ବିମଳ ଲୋଚନ ଦାସ ଏକ ଅନିର୍ବାଣ ଦୀପଶିଖା



ବାରିପଦା,୦୪/୦୩ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଏ ମାଟିର ଜଣେ ସୁଯୋଗ୍ୟ ସନ୍ତାନ, ବିଶିଷ୍ଟ ସମବାୟବିତ୍, ପ୍ରବୀଣ ସାମ୍ବାଦିକ, ସମାଜସେବୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତଃ ବିମଳ ଲୋଚନ ଦାସଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳୀ ସଭା ପ୍ରତିଷ୍ଠାନର ସଭାପତି ଡା.ପାର୍ଥ ସାରଥୀ ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ପ୍ରାରମ୍ଭରେ ପ୍ରତିଷ୍ଠାନର ସମ୍ପାଦକ ତଥା ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁଙ୍କ ତ୍ୟାଗପୂତ ଜୀବନ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ବୋଲି ଉଲ୍ଲେଖ କରିଥିଲେ ଉକ୍ତ ସଭାରେ ମୟୂରଭଞ୍ଜ କେନ୍ଦ୍ରସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଜନନେତା ରାଜକିଶୋର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିମଳ ବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଳାଙ୍ଗୀ ମହୋତ୍ସବର ସମ୍ପାଦକ ଶରତ ଚନ୍ଦ୍ର ନାୟକ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ,କବି ବିଷ୍ଣୁ ଶତପଥୀ, ସୁକାନ୍ତ କୁମାର ଜୀଉ, ଦୀପକ କୁମାର ନାୟକ, ସମାଜସେବୀ ମୁରାରିଲାଲ ଶର୍ମା, ରାଜନେତା ଛୋଟେଲାଲ ମହାନ୍ତ, ନରୋତ୍ତମ ପାଣିଗ୍ରାହୀ, କବି ପ୍ରଦୀପ ମହାନ୍ତି, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ପ୍ରମୁଖ ସ୍ମୃତିଚାରଣ କରି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଇଫ୍‌କୋ ଦ୍ୱାରା ରାଷ୍ଟ୍ରିୟ ସୁରକ୍ଷା ଦିବସ ପାଳିତ



ପାରାଦ୍ୱୀପ,୦୪/୦୩ (ନି.ପ୍ର): ଇଫ୍‌କୋ ପାରାଦ୍ୱୀପ ୟୁନିଟ୍ ପକ୍ଷରୁ ୫୦ତମ ଜାତୀୟ ସୁରକ୍ଷା ଦିବସ ମାର୍ଚ୍ଚ ୪ତାରିଖ ଦିନ ପାଳିତ ହୋଇଯାଇଛି । ଏହି ଅବସରରେ କର୍ମଚାରୀ, ଠିକାଦାର ଓ ଶ୍ରମିକ ମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସଚେତନ କରାଯାଇଥିଲା । ସମସ୍ତ କୋଭିଡ୍ ନିୟମ ପାଳନ କରାଯାଇ ଇଫକୋ ପାରାଦ୍ୱୀପ ୟୁନିଟ୍‌ର ଉଚ୍ଚ ପଦାଧିକାରୀ, ଅଧିକାରୀ ଓ କର୍ମଚାରୀ ସଂଘର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଜାତୀୟ ସୁରକ୍ଷା ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦ୍ୱୀପ ଶାଖାର ସହ ନିର୍ଦ୍ଦେଶକ ସି.କେ.ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫ୍ୟାକ୍ଟ୍ରି ପରିସରରେ ସୁରକ୍ଷା ନିୟମ ମାନି କାର୍ଯ୍ୟ କରିବା ପାଇଁ ନିଜ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ । ଇଫ୍‌କୋ ପାରାଦ୍ୱୀପ ୟୁନିଟ୍ ମୁଖ୍ୟ କେ.ଜେ. ପଟେଲ ସମବେତ କର୍ମଚାରୀ ମାନଙ୍କୁ କହିଥିଲେ ଯେ କାରଖାନା ପରିସରରେ ସୁରକ୍ଷା ନିୟମ ମାନୀ ସ୍ୱଚ୍ଛତା, ସୁରକ୍ଷିତ ଓ ନିର୍ଭୟର ବାତାବରଣ ସୃଷ୍ଟି କରିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଜେଜିଏମ୍ ଆର୍.କେ.ପାଣ୍ଡେ, ଏଫ୍ ଆଣ୍ଡ ଏସ୍ ସିନିୟର ମ୍ୟାନେଜର ଏସ୍.କେ କାମ୍ବଲେ ପ୍ରମୁଖ ସୁରକ୍ଷା ସଚେତନତା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଇଜ୍ ଅଫ୍ ଲିଭିଂ ସୂଚକାଙ୍କରେ ଭୁବନେଶ୍ୱର ଦ୍ୱିତୀୟ

ଭୁବନେଶ୍ୱର,୦୪/୦୩ (ନି.ପ୍ର): ଭାରତ ସରକାରଙ୍କ ଗୃହ ନିର୍ମାଣ ଏବଂ ସହରୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା 'ସହଜ ଜୀବନଯାପନ ସୂଚକାଙ୍କ ୨୦୨୦'ରେ ଭାରତର ୧୦ ଲକ୍ଷରୁ କମ ଜନସଂଖ୍ୟାବିଶିଷ୍ଟ ୬୨ଟି ସହର ମଧ୍ୟରେ ଭୁବନେଶ୍ୱର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି। ଜୀବନଧାରଣରେ ଗୁଣାତ୍ମକତା, ଅର୍ଥିକ ସାମର୍ଥ୍ୟ, ପୋଷଣୀୟତା ଓ ପ୍ରତିରୋଧୀ କ୍ଷମତା ପରି ସୂଚକାଙ୍କରେ ରାଜଧାନୀ ସହରକୁ ଆକଳନ କରାଯାଇଥିଲା ବୋଲି ସେ କହିଛନ୍ତି ।

# ଭାଷା ବିକାଶର ଓଡ଼ିଆ ଭାଷା ସାହିତ୍ୟ ଓ ମନସ୍ତତ୍ତ୍ୱ ଆଲୋଚନା



ବାଲେଶ୍ୱର,୦୪/୦୩ (ନି.ପ୍ର): ଭାଷା ସାହିତ୍ୟର ଉନ୍ନତି କ୍ଷେତ୍ରରେ ମନସ୍ତତ୍ତ୍ୱର ଗଭୀର ପ୍ରଭାବ ରହିଛି। ଆମେ ନିଜ ଭାଷାକୁ ଛାଡ଼ି ଅନ୍ୟ ଭାଷା ଉପରେ ଗୁରୁତ୍ୱ ଦେବା, ପିଲାମାନଙ୍କୁ ଇଂରାଜୀ ବିଦ୍ୟାଳୟରେ ପଢ଼ାଇବା, ପିଲାମାନଙ୍କଠାରୁ ମମି ଓ ଡାଡି ଡାକ ଶୁଣିବାରେ ଆଗ୍ରହୀ ହେବା, ଦରଖାସ୍ତ ଓ ନିମନ୍ତ୍ରଣ ପତ୍ର ଇତ୍ୟାଦିକୁ ଇଂରାଜୀରେ ଲେଖିବାରେ ଏକ ପ୍ରକାର ମନସ୍ତତ୍ତ୍ୱ କାମ କରେ ଯାହା ମଧ୍ୟରେ ଦେଖେଇ ହେବାର ପ୍ରଚେଷ୍ଟା ଲୁକ୍କାୟିତ ହୋଇ ରହିଥାଏ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବୁଧବାର ସନ୍ଧ୍ୟାରେ ପଦ୍ମୁଆଁପଦା ସ୍ଥିତ କାର୍ଯ୍ୟାଳୟରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟରେ ମନସ୍ତତ୍ତ୍ୱ' ଶୀର୍ଷକ ଏକ ଆଲୋଚନାରେ ବକ୍ତାମାନେ ଭାଷା ସାହିତ୍ୟକୁ ଗ୍ରହଣ କରିବା କ୍ଷେତ୍ରରେ ମଣିଷ ମନର ଅବସ୍ଥାକୁ ବିସ୍ତୃତଭାବରେ ଚର୍ଚ୍ଚା କରିଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ତଥା ମନସ୍ତତ୍ତ୍ୱରେ ସଦ୍ୟ ଡିଲିଟ୍ ଲାଭ କରିଥିବା ଡ.ଜୟଶ୍ରୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ସାହିତ୍ୟର ଇତିହାସକୁ ଆଲୋଚନା କରି ପ୍ରତି ଯୁଗରେ କେଉଁ ପରି ମନସ୍ତତ୍ତ୍ୱକୁ ନେଇ ତାହା ରଚିତ ହୋଇଛି ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଆଲୋଚନାକୁ ତର୍ଜମା କରିବା ସଙ୍ଗେ ସଙ୍ଗେ ସିଗ୍‌ମଣ୍ଡ ଫ୍ରଏଡଙ୍କଠାରୁ ଆରମ୍ଭ କରି ସମକାଳୀନ ମନସ୍ତତ୍ତ୍ୱବିତ୍‌ଙ୍କ ପର୍ଯ୍ୟନ୍ତ ଆଲୋଚନା କରିଥିଲେ ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟକୁ ପ୍ରତିପାଦନ କରିଥିଲେ। ଯୁଗ୍ମ ସଂପାଦକ ଦୀପକ ବୋଷ ଅତିଥି ପରିଚୟ ପ୍ରଦାନ କରି ମଞ୍ଚାବାହନ କରିଥିଲେ ଓ ସଂପାଦକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ ସୁବ୍ରତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, ଅରୁଣା ରାୟ,ଶାନ୍ତିଲତା ପଣ୍ଡା, କଲ୍ୟାଣୀ ନନ୍ଦ, ସୁପ୍ରିୟା ଦାସ, ସାବିନା ମଣ୍ଡଳ, ଶରତ କୁମାର ମହାପାତ୍ର,ପ୍ରୀତିଲେଖା ଦାସ, ଶୀତିକଣ୍ଠ ଦୀକ୍ଷିତ,ପ୍ରଭାକର ପଣ୍ଡା, ଡ.ରାଜୀବ କୁମାର ମହାପାତ୍ର, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା,ଜ୍ୟୋତ୍ସ୍ନା ରାୟ, ଡ.ରତ୍ନାକର ସିଂହ, ବିଦ୍ୟାଧର ସାହୁ, ପ୍ରମିଳା ଶତପଥୀ, ମମତା ଦାସ, ସୁଚିତ୍ରା ସାହୁ, ସାଇକୃଷ୍ଣା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo